

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA    ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR



PARUL PATAWARI

| Vol.5 | Issue- 28 | December 20 to 26, 2021, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୨୮ | ଡିସେମ୍ବର ୨୦ ରୁ ୨୬, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


## ବିଜେପିକୁ ଧୂଳି ଚଟାଇବେ ମମତା

**ଫୁଲବାଗାନା(ସଂପର୍କବାର୍ତ୍ତା):-** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନୂଆ ବୟାନ। ସେ କହିଛନ୍ତି ଯେ, ମୁଁ ଦେଖିବାକୁ ଚାହୁଁଛି ୨୦୨୪ ସାଧାରଣ ନିର୍ବାଚନରେ ବିଜେପିର ପରାଜୟ। ଏଥିଲାଗି ପୁଣି 'ଖେଲା ହୋବେ' ବୋଲି ଆହ୍ୱାନ ଦେଇଥିଲେ। ସେ କହିଛନ୍ତି ଯେ, ବିଜେପି ୨୦୨୪ ଲୋକସଭା ନିର୍ବାଚନରେ ସେହିଭଳି ଧୂଳି ଚାଟିବ ଗତ ବେଙ୍ଗଲ ବିଧାନସଭା ନିର୍ବାଚନରେ ମୁଁ ପରାଜୟ ଯେପରି ଚାଖିଥିଲି। ଆସନ୍ତା ୧୯ ଡିସେମ୍ବର କଲକତା ନଗର ନିଗମ ନିର୍ବାଚନ ଲାଗି ଫୁଲବାଗାନା ଅଞ୍ଚଳରେ ବୁଧବାର ଏକ ସମାବେଶକୁ



ସମ୍ବୋଧିତ କରୁଥିବା ବେଳେ ମମତା ଏହି ଆହ୍ୱାନ ଦେଇଥିଲେ। ସେ କହିଛନ୍ତି ଯେ, ଲୋକେ ତୃଣମୂଳକୁ ଲଗାତାର ତୃତୀୟବାର ରାଜ୍ୟର କ୍ଷମତା ସମର୍ପିଛନ୍ତି। ଏହି ଉଦ୍ଦେଶ୍ୟ ପୂରଣ କରିବା ଲାଗି ରାଜ୍ୟରେ ଉଦ୍ୟୋଗ ସୃଷ୍ଟି କରିବାକୁ ହେବ। ଯାହାଦ୍ୱାରା ଲୋକଙ୍କୁ ରୋଜଗାର ଯୋଗାଇଦେବ ବୋଲି ମମତା ବାନାର୍ଜୀ କହିଛନ୍ତି। ଗତ ବିଧାନସଭା ନିର୍ବାଚନ କାଳରେ ବିଜେପି ରାଜ୍ୟରେ ଯେପରି ପ୍ରଚାର ଅଭିଯାନ ଚଳାଇଥିଲା ସେଥିରେ ରାଜ୍ୟବାସୀ ଆତଙ୍କିତ ହୋଇପଡିଥିଲେ। ବେଙ୍ଗଲ ଏକ ସାଂପ୍ରଦାୟିକ ସଦ୍‌ଭାବନାପୂର୍ଣ୍ଣ ସ୍ଥାନ। ସେ କହିଛନ୍ତି ଯେ, ଆଜି ବେଙ୍ଗଲ ଯାହା ଭାବୁଛି କାଲି ସାରା ଭାରତ ଏହା ଭାରତ ଏହା ଭାବିବାକୁ ବାଧ୍ୟ ହେବ। ଆମେ ୨୦୨୪ ନିର୍ବାଚନରେ ବିଜେପିକୁ କେନ୍ଦ୍ରରେ ହରାଇବା ବୋଲି ମମତା ଖୋଲାଖୋଲି ଘୋଷଣା କରିଛନ୍ତି।

## ପୁଣି ପ୍ରଥମ ହେଲା ଓଡ଼ିଶା

**କଟକ(ସଂପର୍କବାର୍ତ୍ତା):-** କ୍ରାଇମ୍ କ୍ରିମିନାଲ୍ ଟ୍ରାକିଂ, ନେଟ୍ ୱାର୍କିଂ ସିଷ୍ଟମ୍(ସିସିଟିଏନ୍‌ଏସ୍)ରେ ଜାତୀୟ ସ୍ତରରେ ଓଡ଼ିଶା ପୋଲିସ୍ ଖ୍ୟାତି ଅର୍ଜନ କରିଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସ୍ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ରାଜ୍ୟ ପୋଲିସ୍ ବାହିନୀ ପାଇଁ ଖୁସି ଖବର ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି। ସିସିଟିଏନ୍‌ଏସ୍ ବ୍ୟବହାରରେ ଓଡ଼ିଶା ପୋଲିସ୍ ତଳକୁ ଦ୍ୱିତୀୟ ସ୍ଥାନରେ ଛତିଶଗଡ ପୋଲିସ୍ ଓ ଉତ୍ତର ପ୍ରଦେଶ ପୋଲିସ୍ ରହିଛି। ସେହିପରି ୩ୟ ସ୍ଥାନରେ ମଧ୍ୟପ୍ରଦେଶ ପୋଲିସ୍ ରହିଛି। ଭାରତ ସରକାରଙ୍କ




ଇଣ୍ଟର-ଅପରବଲ୍ କ୍ରିମିନାଲ୍ ଜଷ୍ଟିସ୍ ସିଷ୍ଟମ୍(ଆଇସିଜିଏସ୍) ପ୍ରୋଜେକ୍ଟ ଆଧାରରେ ସିସିଟିଏନ୍‌ଏସ୍‌ରେ ବିଭିନ୍ନ ଅପରାଧିକ ମାମଲାରେ ଅଭିଯୁକ୍ତ ତଥା ଅପରାଧିମାନଙ୍କ ସଂପର୍କରେ ବିବରଣୀ ଉଲ୍ଲେଖ କରିବାରେ ଓଡ଼ିଶା ପୋଲିସ୍ ସ୍ୱଚ୍ଛତା ବଜାୟ ରଖିପାରିଛି। ପୋଲିସ୍ ପକ୍ଷରୁ ଏବେ ଥାନା ସ୍ତରରେ ସିସିଟିଏନ୍‌ଏସ୍‌ରେ ସମସ୍ତ ବିବରଣୀ ଉଲ୍ଲେଖ କରାଯାଉଥିବା ବେଳେ ଆଗକୁ ଉକ୍ତ ବ୍ୟବସ୍ଥାରେ ଅପରାଧିଙ୍କ ବାବଦରେ କୋର୍ଟ ସଂପର୍କିତ ଡାଟା, ଜେଲ୍‌ରେ ଥିବା ବିଚାରାଧିନ ବନ୍ଦୀ ତଥା କଏଦୀଙ୍କ ଡାଟା ଏବଂ ଅପରାଧିଙ୍କ ବିଚାର ସଂପର୍କିତ ଡାଟା ମଧ୍ୟ ଯୋଡି ହେବ ବୋଲି ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ଅତିରିକ୍ତ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ସିସିଟିଏନ୍‌ଏସ୍‌ରେ ଓଡ଼ିଶା ପୋଲିସ୍ ଦେଶରେ ପ୍ରଥମ ହେବା ଘଟଣାକୁ ନେଇ ଡିଜି ଅଭୟ କୃତଜ୍ଞତା ଜଣାଇଛନ୍ତି।

## ମୋଦିଙ୍କୁ ମିଳିବ ଭୁଟାନ୍‌ର ସର୍ବୋଚ୍ଚ ନାଗରିକ ସମ୍ମାନ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୁଟାନ୍‌ର ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରାଯିବ। ମୋଦିଙ୍କୁ ନାଗଦଗ ପେଲଜି ଖୋର୍ଲୋ ଦ୍ୱାରା ସମ୍ମାନିତ କରାଯିବାକୁ ଭୁଟାନ୍ ସରକାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭୁଟାନ ପ୍ରଧାନମନ୍ତ୍ରୀ ଲୁଟେ ଶେରିଙ୍ଗଙ୍କ ଦ୍ୱାରା ଏହି ସୂଚନା ଦିଆଯାଇଛି। ଶେରିଙ୍ଗ କହିଛନ୍ତି ଯେ, ପିଏମ୍ ମୋଦି ବର୍ଷ ବର୍ଷ ଧରି ବିନା ସର୍ତ୍ତରେ ବନ୍ଧୁତା ବଜାୟ ରଖିଛନ୍ତି। ମହାମାରୀ କରୋନା ସମୟରେ ସହାୟତାର ହାତ ମଧ୍ୟ ବଢାଇଛନ୍ତି। ଶେରିଙ୍ଗ କହିଛନ୍ତି ଯେ, ସେ ପିଏମ୍ ମୋଦିଙ୍କୁ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ଭାବେ ଦେଖିଛନ୍ତି। ନିକଟ ଅତୀତରେ ଭାରତ-ଭୁଟାନ ମଧ୍ୟରେ ସଂପର୍କ କ୍ରମାଗତ ଭାବେ ମଜବୁତ ହେଉଛି। ବିଶେଷଜ୍ଞ କହିବା ମୁତାବକ ଏସବୁ କାରଣରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭୁଟାନ୍‌ର ସର୍ବୋଚ୍ଚ ନାଗରିକ ସମ୍ମାନ ଦେବା ପାଇଁ ଘୋଷଣା କରିଛନ୍ତି।

## ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ ମହାପାତ୍ରଙ୍କର ରେଭେନ୍ସା ବିଶ୍ୱବିଦ୍ୟାଳୟ ମୃତ୍ତିକା ସଂଗ୍ରହ ଅଭିଯାନ

**କଟକ(ସଂପର୍କବାର୍ତ୍ତା):-** ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠିତ ଇଷ୍ଟ ହଷ୍ଟେଲ ଶତବାର୍ଷିକୀ ପାଳନ କରୁଛି। ଏହି ଐତିହାସିକ ଉତ୍ସବରେ ଇଷ୍ଟ ହଷ୍ଟେଲ୍ ଆଲୁମିନି ଆସୋସିଏସନ୍ ଏବଂ ଏହାର ଅନ୍ତେବାସୀଙ୍କ ଦ୍ୱାରା ଅନେକ ସୃଜନଶୀଳ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମ ନାଁ ହେଉଛି "ସ୍ମୃତିର ଷଠିଘର" ଛାତ୍ରାବାସର ପୂର୍ବତନ ତଥା ବର୍ତ୍ତମାନର ଅନ୍ତେବାସୀମାନଙ୍କୁ ଯୋଡିବାର ଏହି ଅଭିନବ ପ୍ରୟାସର ଆରମ୍ଭ ହୋଇଛି। ଏହି ବିଭାଗରେ ପୂର୍ବତନ ତଥା ବର୍ତ୍ତମାନର ଅନ୍ତେବାସୀମାନଙ୍କ ଏକ ଦଳ ଓଡ଼ିଶା ତଥା ବିଶ୍ୱ ପ୍ରସିଦ୍ଧ ସାହିତ୍ୟିକ, କବି, ଲେଖକ, ଗାଳ୍ପିକ ତଥା ନାଟ୍ୟକର ପଦ୍ମଭୂଷଣ ଏବଂ ସାହିତ୍ୟ ଏକାଡେମୀ ସମ୍ମାନିତ କବି ସ୍ୱର୍ଗତ କାଳିନ୍ଦୀ ଚରଣ



ପାଣିଗ୍ରାହୀଙ୍କ ଏକ୍ତିଆରଶାଳ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଅନ୍ତର୍ଗତ ବିଶ୍ୱନାଥପୁରସ୍ଥିତ ବାସଭବନ ପରିଦର୍ଶନ କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀଙ୍କ କାଳଜୟୀ ରଚନା "କେଉଁ ନାମ ଧରି ଡାକିବି ତୁମକୁ ତୁମେଯେ ସର୍ବନାମ" ର ସେହି ପଙ୍କ୍ତି ଉଚ୍ଚାରଣ କରି ତାଙ୍କର ସ୍ମୃତିକୁ ମନେପକାଇ ତାଙ୍କ ପବିତ୍ର ଜନ୍ମଭୂମି ପୂଜନ ସହ ମୃତ୍ତିକା ସଂଗ୍ରହ କରିଥିଲେ। ସଂଗୃହିତ ମୃତ୍ତିକା ବ୍ୟବହାର କରି ପୂର୍ବ ଛାତ୍ରାବାସ ପ୍ରାଙ୍ଗଣରେ ଏକ ସ୍ମୃତିସ୍ତମ୍ଭ ସ୍ଥାପନ ସହ ସ୍ମୃତିବୃକ୍ଷ ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି।

ଏହି ପ୍ରକ୍ରିୟାରେ ପୂର୍ବ ଛାତ୍ରାବାସର ପୂର୍ବତନ ବିଶିଷ୍ଟ ଅନ୍ତେବାସୀମାନଙ୍କ ଜନ୍ମଭୂମିରୁ ମୃତ୍ତିକା ସଂଗ୍ରହ ଅଭିଯାନ ଜାରି ରହିବ। ଏହି ଐତିହାସିକ ମୃତ୍ତିକା ସଂଗ୍ରହ ଅଭିଯାନ ପୂର୍ବ ଛାତ୍ରାବାସର ପୂର୍ବତନ ଅନ୍ତେବାସୀ ତଥା ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅନ୍ତେବାସୀମାନେ ଯୋଗ ଦେଇଥିଲେ।

## ବାଲେଶ୍ୱର ଜିଲ୍ଲା ବିଜେପି ସଭାପିତଙ୍କ ୨ ମହିଳାଙ୍କ ସହିତ ଚୋରା ପୀରତିର ଫଟୋ ଭାଇରାଲ୍

**ବାଲେଶ୍ୱର(ସଂପର୍କବାର୍ତ୍ତା):-** ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ରଙ୍କ ଏକ ଫଟୋ ଏବେ ମୋବାଇଲ୍‌କୁ ମୋବାଇଲ୍ ଘୂରି ବୁଲୁଛି। ଏହା ସହିତ ସୋସିଆଲ୍ ମିଡିଆରେ ମଧ୍ୟ ଭାଇରାଲ୍ ହୋଇଛି। ଶ୍ରୀ ମହାପାତ୍ରଙ୍କର ୨ ଜଣ ମହିଳାଙ୍କ ସହିତ ଫଟୋ ରହିଛି। ଏହି ଫଟୋରେ ଶ୍ରୀ ମହାପାତ୍ରଙ୍କ ମହିଳା ଦୁଇଜଣଙ୍କ ସହିତ ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋ ଦର୍ଶାଉଛି। ତେବେ ମହିଳା ଦୁଇଜଣ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଏହି ଅନ୍ତରଙ୍ଗ ଫଟୋ ଉଠାଇଛନ୍ତି ତାହା ଜଣାପଡିନାହିଁ। ସେପଟେ ଏହି ଫଟୋ ଭାଇରାଲ୍ ହେଲା ପରେ ଶ୍ରୀ ମହାପାତ୍ର ବିବାଦ ଘେରକୁ ଆସିଛନ୍ତି। ଏହି ଫଟୋକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରି ବିଜେପି ସମର୍ଥକମାନେ ଲେଖିଛନ୍ତି ଯେ, ରାଜ୍ୟ ବିଜେପି ମମିତା ମେହେରକୁ ନ୍ୟାୟ ଦେବାରେ ପ୍ରହସନ କରୁଥିବା ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଚାକିରି ଦେବା ବାହାନାରେ ନାରୀମାନଙ୍କ ସହିତ ଅନୈତିକ ସଂପର୍କ ରଖିଛନ୍ତି। ଏହା ହେଉଛି ବିଜେପିର ଆଦର୍ଶ। ତେବେ ଏହି ବିବାଦୀୟ ଫଟୋ ନେଇ ଏ ପର୍ଯ୍ୟନ୍ତ ଶ୍ରୀ ମହାପାତ୍ରଙ୍କ ପ୍ରତିକ୍ରିୟା



ମିଳିପାରି ନାହିଁ। ସେପଟେ ବାଲେଶ୍ୱର ଜିଲ୍ଲା ବିଜେପି ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ କହିଛନ୍ତି ଯେ, ବିଜେପିକୁ ବଦନାମ କରିବା ପାଇଁ ବିରୋଧୀମାନେ ଏଭଳି ଫଟୋ ଭାଇରାଲ୍ କରିଛନ୍ତି। ଏହି ଘଟଣା ସଂପୂର୍ଣ୍ଣ ମିଥ୍ୟା। ଫଟୋଟିକୁ ଏଡିଟ୍ କରିଦିଆଯାଇଛି। ଏଥିପାଇଁ ବିଜେପି ପକ୍ଷରୁ ଟାଉନ୍ ଥାନାରେ ଏଫାଇଆର୍ ଦିଆଯିବ ବୋଲି ସେ କହିଛନ୍ତି। **ଏହାର ଏକ ପ୍ରତିକ୍ରିୟା ନ୍ୟୁଜ୍ ପୋର୍ଟାଲ୍‌ରେ ବି.କେ.ମିଶ୍ର କମେଟ୍ ଦେଇଛନ୍ତି ଯେ, ତୁରନ୍ତ ବହିଷ୍କାର କରାଯାଉ ଏବଂ ଫାଶି ବି ଦିଆଯାଉ। ଶଳା ଅଧିକ ରସିକିଆ ଦେଖେଇ ହଉଛି... ଏତେ ଯଦି ନାଲୁଆ ଅଛୁ ଯାଉନୁ ତୋ ମାଇପ ସାଙ୍ଗରେ ଏମତି ହବୁ। ସେହିପରି ବିଜୁ ବଦ୍ର ଲେଖିଛନ୍ତି ଯେ, ଏସବୁ ଆର୍‌ଏସ୍‌ଏସ୍‌ର ଶିକ୍ଷା।**

## ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମହିଳାଙ୍କ ଧନ୍ୟବାଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦୂରଗାମୀ ଟ୍ରେନ୍‌ରେ ମହିଳାଙ୍କ ଯାତ୍ରାକୁ ସୁରକ୍ଷିତ ଓ ଆରାମଦାୟକ କରିବାକୁ ରେଳ ବିଭାଗର ବଡ ନିଷ୍ପତ୍ତି। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବର୍ଥ ସଂରକ୍ଷିତ କରି ରଖାଯିବ। ଦୂରଗାମୀ ମେଲ୍ ଓ ଏକ୍ସପ୍ରେସ୍‌ରେ ଟ୍ରେନ୍‌ର ସ୍ଲିପର କ୍ଲାସ୍‌ରେ ୬ଟି ବର୍ଥ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେହିପରି ଗରୀବ ରଥ, ଦୂରୋନ୍ତୋ ଏବଂ ସଂପୂର୍ଣ୍ଣ ଏସି ଥିବା



ଏକ୍ସପ୍ରେସ୍ ଟ୍ରେନ୍‌ରେ ମଧ୍ୟ ୬ଟି ଲେଖାଏଁ ବର୍ଥ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏଥିରେ ମହିଳାଙ୍କ ବୟସର କଟକଣା ରହିବ ନାହିଁ କି ମହିଳାଜଣକ ଏକା କିମ୍ବା ଅନ୍ୟମାନଙ୍କ ସାଙ୍ଗରେ ଯାତ୍ରା କରୁଛନ୍ତି ତାହା ଦେଖାଯିବ ନାହିଁ। ସେହିପରି ପ୍ରତ୍ୟେକ ସ୍ଲିପର୍ ବଗୀରେ ବରିଷ୍ଠ ନାଗରିକ, ଗର୍ଭବର୍ତ୍ତୀ ଓ ୪୫ ବର୍ଷରୁ ଅଧିକ ମହିଳାଙ୍କ ପାଇଁ ୬-୭ଟି ବର୍ଥ ସଂରକ୍ଷିତ ରହିବ। ସେହିପରି ଥ୍ରୀ-ଟିୟର ଏସିରେ ୪/୫ଟି, ସେକେଣ୍ଡ-ଟିୟର ଏସିରେ ୩/୪ ବର୍ଥ ଏହି ବର୍ଗର ବ୍ୟକ୍ତିଙ୍କ ସଂରକ୍ଷିତ ରଖାଯିବ। ଏହାସହିତ ମହିଳାଙ୍କ ସୁରକ୍ଷା ପାଇଁ ଆର୍‌ପିଏଫ୍, ଜିଆର୍‌ପି ଓ ଜିଲ୍ଲା ପୋଲିସ୍‌କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯିବ।

## ଓଡ଼ିଶା ପୋଲିସ୍‌ର ନୂଆ ମୁଖିଆ ସୁନିଲ୍ ବଂଶଲ୍

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଡିଜିପି ଅଭୟଙ୍କ ପରେ ନୂଆ ଡିଜିପି ହେବେ ୧୯୮୭ ବ୍ୟାଚ୍‌ର ଆଇପିଏସ୍ ସୁନିଲ୍ କୁମାର ବଂଶଲ୍। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଏ ନେଇ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୩୧ରେ ଡିଜିପି ଅଭୟଙ୍କ କାର୍ଯ୍ୟକାଳ ସରିବା ପରେ ବଂଶଲ ଦାୟିତ୍ୱ ଗ୍ରହଣ କରିବେ। ତେବେ ଦାୟିତ୍ୱ ମିଳିବା ପରେ ବଂଶଲ କହିଛନ୍ତି; ସୁରକ୍ଷା ଓ ସେବା ହିଁ ହେବ ଓଡ଼ିଶା ପୋଲିସ୍‌ର ମୂଳ ଆଭିମୁଖ୍ୟ। ଏହି




ଆଭିମୁଖ୍ୟ ନେଇ ଓଡ଼ିଶା ପୋଲିସ୍ ତା'ର କାର୍ଯ୍ୟ ଜାରିରଖିବ।

## ପଞ୍ଚାୟତ ନିର୍ବାଚନ, କୋର୍ଡ ଅଫ୍ କଣ୍ଡକ୍ଟ ଲାଗୁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ୧୮ ତାରିଖ ଶନିବାର ଠାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୋର୍ଡ ଅଫ୍ କଣ୍ଡକ୍ଟ ଅର୍ଥାତ୍ ଆଦର୍ଶ ଆଚରଣ ବିଧି ସମ୍ବନ୍ଧିତ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଖୁବ୍ ଶୀଘ୍ର ଘୋଷଣା ହୋଇପାରେ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ଘୋଷଣା ହେବା ଦିନଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯିବ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଜାରି କରିଛନ୍ତି। ଆଚରଣ ବିଧି ଲାଗୁହେଲେ ରାଜ୍ୟରେ ସଭାସମିତି, କାର୍ଯ୍ୟକ୍ରମ




ପ୍ରଚାରପ୍ରସାର, ଭୋଟ ପ୍ରାର୍ଥନା ଇତ୍ୟାଦି ସମ୍ବନ୍ଧରେ ଏହି ଆଚରଣ ବିଧିରେ ଉଲ୍ଲେଖ ରହିଛି। ସେହିପରି ରାଜନୈତିକ ଅପରାଧ, ଭୋଟ ଗ୍ରହଣ ଅଞ୍ଚଳ ଓ ଭୋଟ ଗ୍ରହଣ ଦିବସରେ କ'ଣ କ'ଣ କରାଯିବ ଓ କେଉଁଭଳି କାର୍ଯ୍ୟକ୍ରମ ଆଚରଣ ଦ୍ୱାରା ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ହେବ ସେ ସଂପର୍କରେ ଏହି ବିଜ୍ଞପ୍ତିରେ ସୂଚିତ କରାଯାଇଛି।

## ଜଗତସିଂହପୁର ବ୍ଲକ୍‌ରେ କାଢୁଆ ଅଫିସର୍
### ଛାତ ପଡିନି କାନ୍ଥ ପ୍ଲାଷ୍ଟର, ହାତ ମାରିଲେ ଖସି ପଡୁଛି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ୍‌ରେ ବିଡିଓ ସାଗର କୁମାର ନନ୍ଦ ଓ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀଙ୍କ ଦାୟିତ୍ୱରେ

### ଜିଲ୍ଲାପାଳ ଦେଖିବାକୁ ଅନୁରୋଧ

ଅଧିକାଂଶ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ଏହି ଉନ୍ନୟନ ମୂଳକ କାମରେ ବ୍ୟାପକ ଦୁର୍ନୀତି ହେଉଛି ବୋଲି ସାଧାରଣରେ ଅଭିଯୋଗ ହେବାରୁ କେତେକ କମେଟ୍ କରି କହୁଛନ୍ତି ବିଡିଓ ଓ ସହକାରୀ ଯନ୍ତ୍ରୀ କାଢୁଆ ଅଫିସର। ନ ହେଲେ କେଉଁଠି ଦେଖିଛ ଛାତ ନ ପଡି କାନ୍ଥ ପ୍ଲାଷ୍ଟର ହେବା ? ତା ସହିତ ପ୍ଲାଷ୍ଟରକୁ ହାତ ମାରିଲେ ଖସି ପଡିବା। ଏପରି ଏକ ଘଟଣାକୁ ନେଇ ଗତ ୧୭ ତାରିଖରେ ଏକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଏବଂ ଭିଡିଓ ଭାଇରାଲ୍ ହେବାରୁ ଏଭଳି ଚର୍ଚ୍ଚା



ହେଉଥିବା ଲକ୍ଷ୍ୟ କରାଯାଉଛି। ଖବରରୁ ପ୍ରକାଶ ଜଗତସିଂହପୁର ବ୍ଲକ୍ ଖଇରଙ୍ଗ ପଞ୍ଚାୟତର ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ହେଉଛି। ଆଶ୍ରମପାଟଣାସ୍ଥିତ ଖାଲି ଜାଗାରେ ଏକ କଲ୍ୟାଣୀ ମଣ୍ଡପ ନିର୍ମାଣ କାମ ଅଧାପାନ୍ତରିଆ କରି ପକାଇ ରଖାଯାଇଛି। ଛାତ ପକାଯାଇଥିଲେ ସୁଦ୍ଧା ଚଟାଣରେ ଯେଉଁ ଟାଇଲ୍ ବିଛା ଯାଇଛି କେବଳ ବାଲି ବିଛାଇ ଟାଇଲ୍ ପକାଯାଇଥିବା ଅଭିଯୋଗ ହେଉଛି। ମଣ୍ଡପ କାମକୁ କଦର୍ଥ କରି କରାଯାଇଥିବା ବେଳେ ସେଠାରେ ପଞ୍ଚାୟତ କ୍ୱାର୍ଟର ନିର୍ମାଣ ହେଉଛି। ଉକ୍ତ କାର୍ଯ୍ୟଟି କୁଆଡେ ନିର୍ବାହୀ ଅଧିକାରୀଙ୍କ ନାମରେ ରହିଛି। ତଥାପି ଛାତ ନ ପକାଯାଇ ପ୍ଲାଷ୍ଟର କିଭଳି ହେଉଛି ତାକୁ ନେଇ ଅଞ୍ଚଳବାସୀ ଆଶ୍ଚର୍ଯ୍ୟପ୍ରକଟ କରୁଛନ୍ତି। ଯଦିବି ପ୍ଲାଷ୍ଟର କରାଯାଇଛି ତାହା ଅତି ଥାର୍ଡଗ୍ରେଡ୍ ସିମେଣ୍ଟ ହୋଇଥିବାରୁ ସିମେଣ୍ଟ ବାଲି ଝଡିପଡୁଥିବା ଲକ୍ଷ୍ୟ କରାଯାଉଛି। ଏ ସଂକ୍ରାନ୍ତରେ ଏକ ଭିଡିଓ ଭାଇରାଲ୍ ହେଉଛି। ମାନ୍ୟବର ଜିଲ୍ଲାପାଳ ପାରୁଲ୍ ପଟୱାରୀ ଅନୁଧ୍ୟାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଉଛି।

## ନୂଆପଡାରେ ରାସ୍ତା ନିମ୍ନମାନର ଅଭିଯୋଗ, ମନ୍ତ୍ରୀଙ୍କୁ ଘେରିଲେ

**ନୂଆପଡା(ସଂପର୍କବାର୍ତ୍ତା):-** ନୂଆପଡା କୋମନା ବ୍ଲକ ଅନ୍ତର୍ଗତ ସିହିନାମୁଣ୍ଡା ଗ୍ରାମରୁ ୩୫୩ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ତରବୋଡ ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତାର ମରାମତୀ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଏହି କାର୍ଯ୍ୟର ସୂଚନା ଫଳକ କୌଣସିଠାରେ ମଧ୍ୟ ଲାଗିନାହିଁ। ରାସ୍ତା କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ ହାତରେ ମଧ୍ୟ ଖୋଳପ ଭଳି ଉଠି ଯାଉଛି ପିଚୁ। ରାସ୍ତାରେ ମୂଳି ସଫାକରି ଓ ପରେ ପ୍ରାଇମର ଦେବା ପରେ ଯାଇ ରାସ୍ତାରେ ପିଚୁ ଢାଳିବା କଥା କିନ୍ତୁ କିଛି ନକରି ଖାଲି ପିଚୁ ଦିଆଯାଉଥିବାରୁ ଏପରି ଉଠି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟସ୍ଥଳରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ସୋରେନ ନିଜେ ଉପସ୍ଥିତ ରହି ଏହି କାର୍ଯ୍ୟ ଜାରି ରଖିଥିଲେ। ରାସ୍ତାରେ ବାଇକାରେ ଗଲେ ମଧ୍ୟ ପିଚ ଉଠିଯାଉଥିବାର ସିହିନାମୁଣ୍ଡା ଗ୍ରାମବାସୀ କାର୍ଯ୍ୟସ୍ଥିତିରେ ଯଦି ଏପରି ଦୁନୀତି କାର୍ଯ୍ୟ ବନ୍ଦ କରିଥିଲେ। ଯନ୍ତ୍ରୀଙ୍କ ପଚାରିବାରୁ ସେ ମଧ୍ୟ କହୁଛନ୍ତି। ନୂଆପଡା ଜିଲ୍ଲାରେ ଯେତେ ବି ମରାମତି କାର୍ଯ୍ୟ ଚାଲିଛି ସବୁ ଏହିପରି (ପୃଷ୍ଠା-୨)



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଡିସେମ୍ବର ୨୦ ରୁ ୨୬, ୨୦୨୧, ଜଗତସିଂହପୁର

December 20 to 26, 2021, Jagatsinghpur

www.samparkabarta.in



## ଗୃହ ଓ ନଗର ଉନ୍ନୟନ ବିଭାଗର ଅସ୍ଥାୟୀ ନିଯୁକ୍ତି ଉପରେ ରୋକ୍

**କଟକ(ସଂପର୍କବାର୍ତ୍ତା):-** ସରକାରଙ୍କ ବିନା ଅନୁମତିରେ ବାହ୍ୟ ସଂସ୍ଥା (ଆଉଟ୍‌ସୋର୍ସିଂ / ସର୍ଭିସ୍ ପ୍ରୋଭାଇଡର) ମାଧ୍ୟମରେ କାହାରିକୁ ଥଇଥାନ କରାଯାଇପାରିବ ନାହିଁ। କଟକ ମହାନଗର ନିଗମ (ସିଏମ୍‌ସି) ରେ ବାହ୍ୟ ସଂସ୍ଥାରୁ ମନ ଇଚ୍ଛା ଥଇଥାନ ଉପରେ ଗୃହ ଓ ନଗର ଉନ୍ନୟନ ବିଭାଗ ରୋକ ଲଗାଇଛି କିନ୍ତୁ ଏହି ନିର୍ଦ୍ଦେଶକୁ ଖିଲାପ କରି ଭିତିରିଆ ଭାବେ ଥଇଥାନ କରିବା ଘଟଣା ପଦାରେ ପଡ଼ି ହାଟରେ ଗଡୁଛି। ସରକାରଙ୍କ ନିର୍ଦ୍ଦେଶ ପରେ ବି ତରବରିଆ ଭାବେ କର୍ତ୍ତୃପକ୍ଷ ବାହ୍ୟସଂସ୍ଥା ମାଧ୍ୟମରେ ଅସ୍ଥାୟୀ ନିଯୁକ୍ତି ଦେଇଛନ୍ତି। ଗତ ତିନିବର୍ଷ ମଧ୍ୟରେ ନିଗମରେ ବାହ୍ୟସଂସ୍ଥାଠାରୁ ଶତାଧିକଙ୍କୁ ଅସ୍ଥାୟୀଭାବେ ଥଇଥାନ କରାଯାଇଛି। ଏଥିରେ ନିର୍ଦ୍ଦିଷ୍ଟ ସଂସ୍ଥା ଓ କେତେକ ବରିଷ୍ଠ ଯନ୍ତ୍ରୀଙ୍କ ସମ୍ପର୍କୀୟଙ୍କୁ ଅସ୍ଥାୟୀ ନିଯୁକ୍ତି ତାଲିକାରେ ରହିଛି। ଥଇଥାନ ଆଳରେ ବାହ୍ୟସଂସ୍ଥାକୁ ପୋଷା ଚାଲିଥିଲେ ବି କର୍ତ୍ତୃପକ୍ଷ ଏଥିରେ ଅଙ୍କୁଶ ନ ଲଗାଇବା ଯୋଗୁଁ ଶେଷରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟ ବିଭାଗ ପକ୍ଷରୁ ମ୍ୟୁନିସିପାଲ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ନିଗମ କର୍ତ୍ତୃପକ୍ଷଙ୍କୁ ଚିଠି କରି ନଭେମ୍ବର ୧ ରୁ ସରକାରଙ୍କ ବିନା ଅନୁମତିରେ କୌଣସି ବାହ୍ୟସଂସ୍ଥାରୁ ଅସ୍ଥାୟୀ ଭାବେ ଥଇଥାନ କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି; ମାତ୍ର ଏହି ନିର୍ଦ୍ଦେଶକୁ ବେଖାତିର କରି ନିଗମ କର୍ତ୍ତୃପକ୍ଷ ନଭେମ୍ବର ୨୫ରେ ବାହ୍ୟସଂସ୍ଥା ମାଧ୍ୟମରେ ଚିଠି ନମ୍ବର ୧୧୩୨୮ରେ ଥଇଥାନ କରିବା ଘଟଣା କର୍ତ୍ତୃପକ୍ଷଙ୍କ ସନ୍ଦେହଘେର ଭିତରକୁ ଟାଣି ଆଣିଛି।

ମହାନଗର ନିଗମରେ ଆବଶ୍ୟକତାଠୁ ଢେର ଅଧିକ ସଂଖ୍ୟାରେ ବାହ୍ୟସଂସ୍ଥାରୁ ଲୋକଙ୍କୁ ଥଇଥାନ କରାଯାଉଛି। ନିଗମର ଯାନ୍ତ୍ରିକ ବିଭାଗ ପକ୍ଷରୁ ସାଧାରଣ ଅଧିବେଶନରେ ଏକାଧିକ ପଦରେ ଆବଶ୍ୟକତା ଦର୍ଶାଇ ଥଇଥାନ କରିବାପାଇଁ ପ୍ରସ୍ତାବ ଦେବା ପରେ ଏହାର ବାସ୍ତବତାକୁ ଅନୁଧ୍ୟାନ ନ କରାଯାଇ ପ୍ରଶାସକ ଅନୁମୋଦନ ଦେଉଛନ୍ତି ଫଳରେ ବାହ୍ୟସଂସ୍ଥା ଲାଭବାନ ହେବାରେ ଲାଗିଛି। ଫଳରେ ନିଗମ ରାଜକୋଷରୁ ରାଜସ୍ୱ ହ୍ରାସ ଘଟିବା ସହିତ ସରକାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଗମରେ ବିନା ଠିକା ପ୍ରସ୍ତାବ (ଟେଣ୍ଡର) ନ କରି ବେଆଇନ ଭାବେ ଶତାଧିକ ଲୋକଙ୍କୁ ଥଇଥାନ କରାଯାଇଛି। ଏ ସଂକ୍ରାନ୍ତରେ ଯୁଗ୍ମ ଆୟୁକ୍ତ ସୁମିତା ସରକାର ଟେଣ୍ଡର ପ୍ରକ୍ରିୟା କରିଥିଲେ। ପରବର୍ତ୍ତୀ ସମୟରେ କର୍ତ୍ତୃପକ୍ଷଙ୍କ ଅହେତୁକ ଚାପ ଯୋଗୁଁ ଟେଣ୍ଡରକୁ ସାଧାରଣ ଅଧିବେଶନରେ ନାକଚ କରି ଦିଆଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ପରେ ବି ବାହ୍ୟସଂସ୍ଥାରୁ ନିଯୁକ୍ତି ମୋହ ନ ଛାଡ଼ିବା ଘଟଣା କର୍ତ୍ତୃପକ୍ଷଙ୍କୁ ସନ୍ଦେହ ଭିତରକୁ ଟାଣିଆଣିଛି। ମିଳିଥିବା ସୂଚନା ମୁତାବକ ନଭେମ୍ବର ୨୫ ତାରିଖରେ ନିଗମର ସିଟି ଡିଭିଜନ କାର୍ଯ୍ୟାଳୟରେ ଏକ ବାହ୍ୟସଂସ୍ଥା ମାଧ୍ୟମରେ କେତେକ ଡାଟାଏଣ୍ଟ୍ରି ଅପରେଟରଙ୍କୁ ଥଇଥାନ କରାଯାଇଛି। ସେମାନଙ୍କୁ ପଛୁଆ ତାରିଖ ଭାବେ ୨୦୨୧ ଅକ୍ଟୋବର ୩୦ରୁ ୨୦୨୨ ଏପ୍ରିଲ ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି। ଏହାକୁ ନିଗମର ପରିଷଦର ସାଧାରଣ ବୈଠକରେ ନିଗମ ଆୟୁକ୍ତଙ୍କ ଅନୁମୋଦନକ୍ରମେ କରାଯାଇଛି। ଗୋଟିଏ ପକ୍ଷରେ ନଗର ଉନ୍ନୟନ ବିଭାଗ ସରକାରଙ୍କ ବିନା ଅନୁମୋଦନରେ ବାହ୍ୟସଂସ୍ଥାରୁ ଜଣେ ବି ଅସ୍ଥାୟୀ ନିଯୁକ୍ତି ଦିଆଯାଇପାରିବ ନାହିଁ ଓ ଏହି ନିର୍ଦ୍ଦେଶକୁ ଗୁରୁତର ସହ ନେବା ଲାଗି ଚିଠି କରାଯାଉଥିବା ବେଳେ ନିଗମରେ ଏହାର ଓଲଟା ଦେଖିବାକୁ ମିଳୁଛି। ନିଗମର ନିଜସ୍ୱ ଆୟ ବ୍ୟାପକ ଭାବେ ହ୍ରାସ ପାଉଥିଲା ବେଳେ ବ୍ୟୟ ଭାର ବଢ଼ି ବଢ଼ି ଚାଲିଛି। ଗତ ତିନିବର୍ଷରେ ନିଗମ ଆର୍ଥିକ କ୍ଷେତ୍ରରେ ସଚ୍ଛଳ ହୋଇପାରୁ ନଥିବାରୁ ସରକାରଙ୍କ ଅନୁଦାନରେ ଯାହା ବିଭିନ୍ନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଇଛି। ଅନ୍ୟପକ୍ଷରେ ନିଗମର ଯାନ୍ତ୍ରିକ ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)କୁ ଅବଗତ କରାଯାଉଥିଲେ ବି ବିଭାଗ ସ୍ଥାଣୁ ପାଲଟିଥିବା ଅଭିଯୋଗ ହୋଇଛି।

## ୪ଘଣ୍ଟା କଟକ-ପାରାଦ୍ୱୀପ ରେଳରୋକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ରେଳ ବିଭାଗର ଅବହେଳା ବିରୁଦ୍ଧରେ ଆଜି ଶତାଧିକ ଚାଷୀ କଟକ-ପାରାଦ୍ୱୀପ ରେଳପଥର ଗୁଆଲିପୁର ବନବିହାରୀ ପାସେଞ୍ଜର ହଲ ନିକଟରେ ୪ଘଣ୍ଟା ଧରି ରେଳରୋକ ଆନ୍ଦୋଳନ କରିଥିଲେ। ପ୍ରକାଶଥାଉକି, ଚାଷୀମାନଙ୍କର ଦାବି ହେଉଛି ଏହି ପାସେଞ୍ଜର ହଲକୁ ଯାତାୟତ ପାଇଁ ଚିକିଣିଆ ଗାଁ ଠାରୁ ଗୁଆଲିପୁର ଦେଇ ଅଢେଇକୂଳ, ପଣ୍ଡାଛକ, ଅୟର, ଜଗତସିଂହପୁରକୁ ଏକ ସଂଯୋଗୀକରଣ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ରେଳ ବିଭାଗ ଗୁଆଲିପୁର ପାସେଞ୍ଜର ହଲ ନିକଟରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ୨ଗୋଟି ଗେଟ ପୋତିଦେବା ଦ୍ୱାରା ସାଇକେଲ, ବାଇକ ଓ ଅନ୍ୟାନ୍ୟ ଯାନବାହାନ ଏବଂ ପଥଚାରୀମାନେ ମଧ୍ୟ ପାଦରେ ଚାଲି ଯାଇ ପାରୁନାହାଁନ୍ତି। ମୁଖ୍ୟତଃ ୫ଗୋଟି ପଂଚାୟତ ଗୁଆଲିପୁର, ତଅଁରା, ଅଢେଇକୂଳ, ତାରପୁର, ଚିକିଣିଆ ପଂଚାୟତର ହଜାର ହଜାର ଚାଷୀ ସେମାନଙ୍କର ଟ୍ରାକ୍ଟର ଆଦି ଚାଷ ଉପକରଣ ନେଇ ଚାଷଜମିକୁ ଯାତାୟତ ବନ୍ଦ ହୋଇଯାଇଛି। ଚାଷୀମାନେ ଚାଷ ଜମିରୁ ସେମାନଙ୍କର ଫସଲ ଘରକୁ ଆଣି ପାରୁନାହଁନ୍ତି। ଏଥିପାଇଁ ଆଜି ଶହଶହ ଚାଷୀ ଗୁଆଲିପୁର ପାସେଞ୍ଜର ହଲ୍ଟ ନିକଟରେ ରେଳ




ଧାରଣାରେ ବସି ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ରେଳରୋକ ଆନ୍ଦୋଳନ କରିଥିଲେ। ଖବରପାଇ ରଘୁନାଥପୁର ଅତିରିକ୍ତ ତହସିଲଦାର, କଟକ ରେଳବାଇ ଥାନାର ଅଧିକାରୀ ଉମାକାନ୍ତ ବିଶ୍ୱାଳ, ରଘୁନାଥପୁର ଥାନା ଅଧିକାରୀ ପ୍ରଦ୍ୟୁମ୍ନ କିଶୋର ବେହେରା, ଆରକ୍ଷୀ ଉପନୀରିକ୍ଷକ ଦେବରାଜ ପ୍ରଧାନ, ପ୍ରମୁଖ ସଦଳବଳେ ଆନ୍ଦୋଳନ କାରିଙ୍କ ନିକଟରେ ପହଂଚି ବହୁ ବୁଝାବୁଝି କରାଇବା ପରେ ସେମାନଙ୍କର ଦାବିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ଦାବି ପୂରଣ ଦିଗରେ ପଦକ୍ଷେପ ନେବେ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶୃତି ଦେବାପରେ ରେଳରୋକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ସମାଜସେବୀ ଜ୍ଞାନରଂଜନ ପଟ୍ଟନାୟକ, ସମାଜସେବୀ ଜ୍ୟୋତିରଂଜନ ପଟ୍ଟନାୟକ, କୃଷକନେତା ରବିନ୍ଦ୍ର କୁମାର ସ୍ୱାଇଁ, ହୃଷିକେଷ ଦାସ, ଅଜିତ ମହାରଣା, ଅବିନାଶ ପଟ୍ଟନାୟକ, ତପନ ମହାରଣା, ବୃନ୍ଦାବନ ସେଠୀ, ବିଶ୍ୱରଂଜନ ପଟ୍ଟନାୟକ, ଅଭୟ ସ୍ୱାଇଁ, କୈଳାଶ ଚନ୍ଦ୍ର ସ୍ୱାଇଁ, ନିବାସ ଲେଙ୍କା, ସୁରେଶ ପଟ୍ଟନାୟକ, ଅକ୍ଷୟ ସାମନ୍ତରାୟ ପ୍ରମୁଖ ଭାଗ ନେଇଥିଲେ।

## ୨ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଅପରାଜିତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସାଂସଦ ଅପରାଜିତା ଷଡଙ୍ଗୀ ଦିଲ୍ଲୀରେ ୨ଜଣ କେନ୍ଦ୍ରମନ୍ତ୍ରୀଙ୍କ ଭେଟିଛନ୍ତି। ସେମାନେ ହେଲେ ନୀତିନ ଗଡକରୀ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡଭୀୟ। ପ୍ରକାଶ ଯେ ଭୁବନେଶ୍ୱର ପାଖପାଖି ଜାତୀୟ ରାଜପଥ କିଛି ସ୍ଥାନରେ ଅଣ୍ଡର ପାସ ନିର୍ମାଣ କରାଯିବ। ଅଣ୍ଡର ପାସ ସହ କିଛି ସ୍ଥାନରେ ଫ୍ଲାଇ ଓଭର ନିର୍ମାଣ ଲାଗି ମଧ୍ୟ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସାଂସଦ ଅପରାଜିତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସାଂସଦ ଅପରାଜିତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସାଂସଦ ଅପରାଜିତା ଆଜି ମଧ୍ୟ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାଣ୍ଡଭୀୟଙ୍କୁ ଭେଟିଛନ୍ତି। ଅପରାଜିତା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ନେଇ ଆଲୋଚନା କରିଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଅପରାଜିତାଙ୍କୁ



ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଗତକାଲି ମନ୍ତ୍ରୀ ଅପରାଜିତା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

## ୨୬ରେ ଗାଁ ମୁହାଁ ହେବ ବିଜେଡି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ। ଦଳକୁ ୨୪ ପୂରି ୨୫ ଚାଲିବ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ବିଜେଡି ଏହା ମଧ୍ୟରେ ସାରା ଦେଶରେ ଗ୍ରହଣୀୟ ହୋଇସାରିଛି। ଏବର୍ଷ ଦଳର ପ୍ରତିଷ୍ଠ ଦିବସରେ ଫୋକସ୍‌ରେ ରହିବା ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତାର ସମୀକ୍ଷା

ଏଥିପାଇଁ ପଂଚାୟତ ସ୍ତରରେ ଲୋକଙ୍କ ସହ ପ୍ରତିଷ୍ଠା ଦିବସ ପାଳନ କରାଯିବ। ପୁଣି ପ୍ଲାନିଂ ହେବ ଭବିଷ୍ୟତ କାର୍ଯ୍ୟପନ୍ଥା ସରକାର ଯୋଜନା କାର୍ଯ୍ୟ କାରିତାର କରାଯିବ ସମୀକ୍ଷା। ନୂଆ ବୈଷୟି ଜ୍ଞାନକୌଶଳରେ ଲୋକଙ୍କ ପାଖରେ ପହଂଚିବ ସେବା ଜନ୍ମରୁ ମୃତ୍ୟୁ ଯାଏଁ ଜନକଲ୍ୟାଣକାରୀ ଯୋଜନା। ଏ ହେଉଛି ନବୀନ ପଟ୍ଟନାୟକଙ୍କ ଶାସନର ମୂଳମନ୍ତ୍ର। ଯାହାର ସଫଳ କାର୍ଯ୍ୟକାରିତା ପାଇଁ ୫ଟ ଓ ମୋ ସରକାର ପରି ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି।


## ୬ କିଲୋ ଗଞ୍ଜାଇ ଜବତ, ୧ଗିରଫ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର ତିର୍ତୋଲ ଥାନା ଅଂଚଳରୁ ୬କିଗ୍ରା ୮୦୦ ଗ୍ରାମ ଗଞ୍ଜାଇ ଜବତ କରାଯାଇଥିବା ଜଗତସିଂହପୁର ଏସପି ଅଖିଳେଶ୍ୱର ସିଂହ ସୂଚନା ଦେଇଛନ୍ତି। ଏହି ଘଟଣାରେ ସଂପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଆରକ୍ଷୀ ଅଧୀକ୍ଷକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ , ତିର୍ତୋଲ ଥାନା ପୁଲିସକୁ ସ୍ଥାନୀୟ ନାଳିଆପାଳ ଗ୍ରାମରେ ଗଂଜାଇ କାରବାର ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି ଗ୍ରାମର ବୈକୁଣ୍ଠ ଲେଙ୍କାଙ୍କ ପୁଅ ସୌମ୍ୟ ରଂଜନ ଲେଙ୍କାଙ୍କ ଘର ଉପରେ ଚଢାଉ କରାଯାଇ ମୋଟ ୬କିଗ୍ରା ୮୦୦ ଗ୍ରାମର ଏକ ଗଂଜାଇ ବସ୍ତା ଜବତ କରାଯିବା ସହିତ ଅଭିଯୁକ୍ତ ସୋମ୍ୟଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ତିର୍ତୋଲ ଥାନାରେ କେସ୍ ନଂ ୫୫୧/୨୧ରେ ଏକ ମାମଲା ପଂଜିକରଣ କରାଯାଇ ଅସାମୀଙ୍କୁ କୋର୍ଟ ଫରଓ୍ୱାର୍ଡ କରାଯାଇଥିବା ଏସପି ଶ୍ରୀ ସିଂହ ସୂଚନା ଦେଇଛନ୍ତି।



## ମନ୍ତ୍ରୀ ଅରୁଣଙ୍କ ଚେତାବନୀ, ଦୁର୍ନୀତି କଲେ ମିଳିବ ଦଣ୍ଡ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମକ୍ଷେତ୍ରରେ ସ୍ୱଚ୍ଛତା ଓ କର୍ମଚାରୀମାନଙ୍କ ପାରଦର୍ଶିତା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସଙ୍ଗେ ସଙ୍ଗେ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଏହାର ସଫଳ ରୂପାୟନ ପାଇଁ ଯତ୍ନବାନ ହେବା ଆବଶ୍ୟକତା ରହିଛି । ଏଣୁ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ଦୁର୍ନୀତି ଏବଂ ଅବହେଳାକାରୀ ଅଧିକାରୀ ହେବେ ଦଣ୍ଡିତ। ଏନେଇ ଚେତାବନୀ ଦେଇଛନ୍ତି କୃଷିମନ୍ତ୍ରୀ ଅରୁଣ ସାହୁ। ସ୍ୱଚ୍ଛତାକୁ ବିଭାଗୀୟ କାର୍ଯ୍ୟକ୍ରମରେ ପ୍ରତିଫଳିତ କରିବା ନିମନ୍ତେ କୃଷି ଓ ଖାଦ୍ୟ ନିର୍ଦ୍ଦେଶାଳୟର ସମସ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ଆବଶ୍ୟକୀୟ କୃଷି ସହାୟତା ଯୋଗାଇବା ପଦ୍ଧତିକୁ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତରଣ ଅନ୍ତର୍ଭୁକ୍ତ କରାଯାଇଛି। ଡିବିଟି ମାଧ୍ୟମରେ ସରକାରୀ ପ୍ରୋତ୍ସାହନ ତଥା ସହାୟତ ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଚାଷୀମାନଙ୍କ



ବ୍ୟାଙ୍କ ଜମାଖାତାକୁ ସିଧାସଳଖ ରିହାତି ଅର୍ଥ ପ୍ରଦାନ କରାଯାଉଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାରେ ଆଗାମୀ ଦିନରେ ଡିବିଟି ପଦ୍ଧତି କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶକମାନେ ସାପ୍ତାହିକ ସମୀକ୍ଷା କରିବା ପାଇଁ ମନ୍ତ୍ରୀ କହିଛନ୍ତି। ପ୍ରତ୍ୟେକ ମାସରେ ଆଭାସୀ ମାଧ୍ୟମରେ ଏହାର ସମୀକ୍ଷା ନେବାକୁ ମନ୍ତ୍ରୀ କହିଛନ୍ତି। ଏହି ମାସିକ ସମୀକ୍ଷାରେ ସମସ୍ତ ତିନୋଟି ନିର୍ଦ୍ଦେଶାଳୟର ଖର୍ଚ୍ଚ ହୋଇଥିବା ଅର୍ଥରାଶିର ସମୀକ୍ଷା ସହ ଚଳିତ ଆର୍ଥିକ ବର୍ଷରେ ହେବାକୁ ଥିବା ଖର୍ଚ୍ଚ ସ୍ଥିରିକୃତ ହେବ। କାର୍ଯ୍ୟକାରିତାରେ ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ। ଅବହେଳା କରୁଥିବା ଅଧିକାରୀମାନେ ଦଣ୍ଡିତ ହେବେବୋଲି ମନ୍ତ୍ରୀ ତାଗିଦ୍ କରିଛନ୍ତି। ଏହାସହିତ ଆସନ୍ତା ଜାନୁଆରୀ ୩୧ ତାରିଖରେ ପରବର୍ତ୍ତୀ ସମୀକ୍ଷା ବୈଠକ ଆୟୋଜନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଫାର୍ମ ପଣ୍ଡ କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ମିଶନ ଶକ୍ତି ବିଭାଗକୁ ଅଧିକ ଉତ୍ସାହର ସହ ସାମିଲ କରିବାକୁ ବୈଠକରେ ମନ୍ତ୍ରୀ ନିର୍ଦ୍ଦେଶ ଦେଇନ୍ତି।

## କଟକର ଦୁର୍ବଳ ଶ୍ରେଣୀଙ୍କ ଲାଗି ବାସଗୃହ ଉଦ୍‌ଘାଟିତ

### ଉପକୃତ ହେବେ ୧୪ଟି ବ୍ଲକର ୧୯୬ ପରିବାର

**କଟକ(ସଂପର୍କବାର୍ତ୍ତା):-** ବିଦ୍ୟାଧରପୁର ଗୌତମ ନଗରଠାରେ ରାଜ୍ୟ ଗୃହ ନିର୍ମାଣ ବିଭାଗ ଦ୍ୱାରା ଆର୍ଥିକ ଦୁର୍ବଳ ଥିବା ବ୍ୟକ୍ତିଙ୍କ ପାଇଁ ନିର୍ମାଣ ହୋଇଥିବା ବାସଗୃହ ଭିଡ଼ିଓ କନ୍‌ଫରେନ୍‌ସ ମାଧ୍ୟମରେ ନଗର ଉନ୍ନୟନମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଛନ୍ତି। କଟକ ଜିଲ୍ଲାର ପ୍ରତି ବ୍ଲକରୁ ୧୪ଟି ପରିବାର ହିସାବରେ ମୋଟ୍ ୧୯୬ଟି ପରିବାର ଉପକୃତ ହୋଇପାରିବେ। ଏଥିପାଇଁ ମୋଟ୍ ୮କୋଟି ୧୪ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ବାସଗୃହ ନିର୍ମାଣ କରି ଆର୍ଥିକ ଦୁର୍ବଳ ଥିବା ବ୍ୟକ୍ତିଙ୍କୁ ପ୍ରଦାନ ନିମନ୍ତେ ପୂର୍ବତନ ବିଧାୟକ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଧାୟକ ଥିବା ସମୟରେ ବିଧାନସଭାରେ ଏ ସମ୍ପର୍କରେ ବାରମ୍ବାର ଆଲୋଚନା କରିଥିଲେ। ଗତବର୍ଷ ମଧ୍ୟ ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ ବିଧାନସଭାରେ ଏ ସମ୍ପର୍କରେ ପ୍ରଶ୍ନ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ନିର୍ମାଣ ବିଭାଗର ଅଧ୍ୟକ୍ଷ ପ୍ରିୟଦର୍ଶନୀ ମିଶ୍ର, ପ୍ରମୁଖ ଶାସନ ସଚିବ ଜି ମାଥିଭାଥନନ୍, ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ଼ ସଚିବ ସାଗରିକା ପଟ୍ଟନାୟକ, ୫୪ ନଂ ଓ୍ୱାର୍ଡ଼ର ପୂର୍ବତନ କର୍ପୋରେଟର ତାପସ ସମାନ୍ତରାୟ, ମହିଳା ସଭାନେତ୍ରୀ ବିଶ୍ୱବନ୍ଦିତା ପଣ୍ଡା ଓ୍ୱାର୍ଡ଼ ସଭାପତି ଅଭୟଲେଙ୍କା, ଇ. ସୁବ୍ରତ ଘଡ଼େଇଏ ନଗେନ ମହାରଣା, ଚନ୍ଦ୍ରକାନ୍ତ ଦାସ, ପ୍ରଭାକର ନନ୍ଦ, ବାଉରୀବନ୍ଧୁ ସାହୁ, ତନ୍ମୟ ରାଉତ, ପୃଥ୍ୱୀରାଜ ମହାରଣା ଓ ଚିନ୍ମୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱର ସମସ୍ତ ସମସ୍ୟାର ସମାଧାନ ଭଗବତ୍ ଗୀତାରେ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ରାଜ୍ୟ ସ୍ତରୀୟ ଗୀତାଜ୍ଞାନ ଯଜ୍ଞ କମିଟି ପକ୍ଷରୁ ୩୭ ତମ ଗୀତା ଜ୍ଞାନ ଯଜ୍ଞର ମହୋତ୍ସବ ଆଜି ୧ମ ଦିବସ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଯୋଗଦେଇ ବିଶ୍ୱର ସମସ୍ତ ସମସ୍ୟାର ସମାଧାନ ଭଗବତ୍ ଗୀତାରେ ରହିଛି ବୋଲି କହିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ସଦାଶିବ ବିଶ୍ୱାଳ ଯୋଗଦେଇ ଗୀତାର ବାଣିକୁ ଆଚରଣରେ ଫୁଟାଇ ତୋଳିଲେ ମଣିଷ ଶ୍ରେଷ୍ଠତ୍ୱ ଲାଭ କରିପାରିବ ବୋଲି କହିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ଏସଏନ କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ ଯୋଗଦେଇ କହିଲେ ଯେ, ଗୀତା ମାନବ ଜାତୀର ପଥ ପ୍ରଦର୍ଶକ । ପ୍ରତ୍ୟେକ ବ୍ୟକ୍ତି ଗୀତାର ବାଣୀକୁ ଅନୁସରଣ କରି ଜୀବନ ଅତିବାହିତ କଲେ ତା ଜୀବନର ସମସ୍ତ ଦୁଃଖ ଦୂରିଭୁତ ହୋଇଥାଏ ବୋଲି କହିଥିଲେ । ଏଥିରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଉପ ସଚିବ ରବିନ୍ଦ୍ର କୁମାର ମହାପାତ୍ର, ଶିକ୍ଷାବିତ୍ ଯଦୁନାଥ ଜେନା, ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ସମାଜସେବୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇ ସମସ୍ତ ଶାସ୍ତ୍ରର ସାର ବାଣି ଗୀତାରେ ରହିଛି ବୋଲି କହିଥିଲେ ଓ ଭଗବତ୍ ଗୀତାକୁ ଘରେ ରଖି ପୂଜା କରିବା ଅପେକ୍ଷା ଗୀତାର ବାଣୀକୁ ଅନୁସରଣ କରି ଜୀବନ ଅତିବାହିତ କଲେ ପ୍ରତ୍ୟେକ ମନୁଷ୍ୟ ଦେଶର ଶ୍ରେଷ୍ଠ ଆଦର୍ଶ ନାଗରିକ ହୋଇ ପାରିବେ ବୋଲି କହିଥିଲେ । ଏଥିରେ ଅଧ୍ୟାପକ ଭଗବାନ ବିଶ୍ୱାଳ ପୌରହିତ୍ୟ କରି ଗୀତା ସମାଜର ଦର୍ପଣ ଏବଂ ଗୀତା ମାନବ ଜାତିର ପଥ ପ୍ରଦର୍ଶକ ଏବଂ ଗୀତା ସର୍ବଶାସ୍ତ୍ର ସାର ହୋଇଥିବାରୁ ପ୍ରତ୍ୟେହ ଗୀତା ଅଧ୍ୟୟନ କଲେ ମନୁଷ୍ୟ ମଧ୍ୟରେ ପବିତ୍ରତା ଓ ଈଶ୍ୱର ସତ୍ତ୍ୱା ଅନୁଭୁତ ହୁଏ, ଏବଂ ଗୀତା ହେଉଛି ସୃଷ୍ଟିର ସମ୍ବିଧାନ ଓ ଜୀବନ ସଂହିତା ବୋଲି କହିଥିଲେ ।ଏଥିରେ ଆବାହକ କବିସୁର୍ଯ୍ୟ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ୫ ଦିନ ଧରି କାର୍ଯ୍ୟକ୍ରମକୁ ମୁଖ୍ୟ ପୂଜକ ହିମାଂସୁ ମହାପାତ୍ର, ଅଜୟ କୁମାର ସ୍ୱାଇଁ, ଗଣେଶ୍ୱର ଓଝା, ଅଭୟ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ କମିଟିର ସମ୍ପାଦକ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ଜିଲ୍ଲାପାଳ କହିଲେ:ଟିକା ଦେବା ଡେରି କଲେ ଫାଶୀରେ ଟାଙ୍ଗି ଦେବି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ସାରା ବିଶ୍ୱ ଚିନ୍ତାରେ। ଏହାର ମୁକାବିଲା ପାଇଁ ସମସ୍ତ ଦେଶର ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୭୭ଟି ଦେଶରେ ଓମିକ୍ରନ୍ କାୟା ବିସ୍ତାର କରିଛି। ଏହାରି ଭିତରେ ଟିକାକରଣ ପ୍ରକ୍ରିୟା ମଧ୍ୟ ଦ୍ରୁତ ବେଗରେ ଚାଲିଛି। ତେବେ ଏହି ସମୟରେ ଜିଲ୍ଲାପାଳଙ୍କ ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ସୂଚନା ଅନୁସାରେ ମଧ୍ୟ ପ୍ରଦେଶର ଗ୍ୱାଲିଅର୍ ଜିଲ୍ଲାପାଳ କୌଶଲେନ୍ଦ୍ର ଚନ୍ଦ୍ର ବିକ୍ରମ ସିଂ ଚୌହାନ ଭିତରବାର ତହସିଲ୍ କାର୍ଯ୍ୟାଳୟର ଏକ ମିଟିଂରେ ଯୋଗଦେଇ କୋଭିଡ୍ ଟିକାକରଣ ଉପରେ ତର୍ଜମା କରିଥିଲେ। ଏହି ବୈଠକରେ ତାଙ୍କ ସହ



ଅନ୍ୟ ଅଧିକାରୀ ଓ ତହସିଲ୍‌ର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମୀ ସାମିଲ୍ ହୋଇଥିଲେ। ଏହି ସମୟରେ ଟିକାକରଣ ଉପରେ ତଥ୍ୟ ନେବା ସମୟରେ ତହସିଲ୍‌ରେ ଗତ ୩ଦିନ ଧରି ଟିକାକରଣ ବନ୍ଦ ରହିଛି ବୋଲି ଶୁଣି ସେ ରାଗି ନିଆଁ ହୋଇଯାଇଥିଲେ। ବୈଠକରେ ଯୋଗଦେଇଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଟିକାକରଣ ବନ୍ଦ ହେବାର କାରଣ ବାରମ୍ବାର ପଚାରିବା ସହ ଚିଠା ମାଗିଥିଲେ। ହେଲେ ଏହାର ଠିକଣା ଉତ୍ତର ଦେଇପାରିନଥିଲେ କି ଉପଯୁକ୍ତ ତାଲିକା ମଧ୍ୟ ପ୍ରସ୍ତୁତ କରିପାରିନଥିଲେ ସ୍ୱାସ୍ଥ୍ୟ ଅଧିକାରୀ କିମ୍ବା ସ୍ୱାସ୍ଥ୍ୟ କର୍ମୀ। ଏଥିରେ ରାଗି ଯାଇଥିଲେ ଜିଲ୍ଲାପାଳ କୌଶଲେନ୍ଦ୍ର ବିକ୍ରମ ସିଂ। ଆଉ ଟିକାକରଣରେ ଡେରି ହେଲେ ଫାଶୀରେ ଟାଙ୍ଗିଦେବେ ବୋଲି ଧମକ ଦେଇଥିଲେ। ଏହା ଭାଇରାଲ୍ ହେବା ପରେ ଏ ବାବଦରେ ତାଙ୍କୁ ପଚାରିବାରୁ ସେ ଭିଡିଓ ସତ ବୋଲି ଦୃଢତାର ସହ କହିଥିଲେ। ଆହୁରି ମଧ୍ୟ ସେ କହିଥିଲେ କାମରେ ତ୍ରୁଟି କରୁଥିବା ଅଧିକାରୀଙ୍କୁ ବାଟକୁ ଆଣିବାକୁ ଏପରି କହିବା ନିହାତି ଜରୁରୀ।

# ସମ୍ପାଦକୀୟ

## ନୂଆବର୍ଷରେ ସଂକ୍ରମଣ

କରୋନାର ନୂଆ ତଥା ମାରାତ୍ମକ ଭାରିଆଣ୍ଟ ଓମିକ୍ରନ୍ ଏବେ ଅନ୍ୟ ରାଷ୍ଟ୍ରଗୁଡିକରେ ଦ୍ରୁତ ସଂକମ୍ରଣ ଆରମ୍ଭ କରିଦେଇଛି। ଖାସ୍ କରି ୟୁରୋପୀୟ ରାଷ୍ଟ୍ରଗୁଡିକରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢିଚାଲିଛି। ତେବେ ଭାରତରେ ମଧ୍ୟ ଧିରେ ଧିରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ବଢି ବଢି ଚାଲିଛି। ଶନିବାର ଦିନ ମହାରାଷ୍ଟ୍ରରୁ ୮, କର୍ଣ୍ଣାଟକରୁ ୬ ଏବଂ କେରଳରୁ ୪ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦେଶରେ ମୋଟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ଏବେ




ଶତକ ପାର୍ କରି ଆଗକୁ ବଢି ଚାଲିଛି। ଏହାରି ମଧ୍ୟରେ ଦେଶରେ **କୋଭିଡ୍-୧୯ ସୁପର ମଡେଲ୍ କମିଟି** ଆକଳନ ଏବେ ଭୟ ବଢାଇ ଦେଇଛି। ଏହି କମିଟି ଆଶଙ୍କା ବ୍ୟକ୍ତ କରିଛି ଯେ, ଦେଶରେ ଓମିକ୍ରନ୍ ସଂକ୍ରମଣ ଫେବୃୟାରୀ ମାସରେ ଶୀର୍ଷରେ ପହଞ୍ଚିପାରେ। ଏପରିକି ଓମିକ୍ରନ୍ ଯୋଗୁଁ ଦେଶରେ କରୋନାର ୩ୟ ଲହର ଆସିପାରେ ବୋଲି ଆକଳନ କରାଯାଇଛି। ଏହାର ଅର୍ଥ ନୂଆବର୍ଷ ଆରମ୍ଭରୁ ଦେଶରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବ୍ୟାପକ ଭାବେ ବଢି ଚାଲିବ।


ସମ୍ପାଦକ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ) ପକ୍ଷରୁ କୁହାଯାଇଛି ଯେଁ, ଓମିକ୍ରନ୍ ସଂକ୍ରମଣ ଖୁବ୍ ଜୋର୍‌ରେ ବ୍ୟାପି ଚାଲିଛି ଏବଂ ଦେଢରୁ ୩ ଦିନ ମଧ୍ୟରେ ଦୁଇଗୁଣା ହେଉଛି। ସେପଟେ ବିଦେଶରେ ସ୍ଥିତି ମଧ୍ୟ ସଂଗୀନ ହେବାରେ ଲାଗିଛି। ୟୁରୋପୀୟ ରାଷ୍ଟ୍ରରେ କଟକଣା ବଢୁଛି। ଏଭଳି ସ୍ଥିତିରେ ନୀତି ଆୟୋଗ ସ୍ୱାସ୍ଥ୍ୟ ସଦସ୍ୟ କରିଥିବା ପୂର୍ବାନୁମାନ ଦେଶ ଏକ ବଡ ସଂକଟକୁ ସାମ୍ନା କରିବାକୁ ଯାଉଥିବା ସଂକେତ ଦେଇଛି। **ଏ ନେଇ ସତର୍କ କରାଇଛନ୍ତି କୋଭିଡ୍-୧୯ ଟ୍ୟାକ୍ସଫୋର୍ସ ମୁଖ୍ୟ ଭି.କେ.ପର୍ଲ।** ଦକ୍ଷିଣ ଆଫ୍ରିକା ଓ ବ୍ରିଟେନ୍‌ରେ ସଂକ୍ରମଣର ହାରକୁ ଲକ୍ଷ୍ୟ କରି ସେ ଯେଉଁ ଆକଳନ କରିଛନ୍ତି ତା ଅନୁସାରେ **ଭାରତରେ ଦୈନିକ ସଂକ୍ରମଣ ୧୪ଲକ୍ଷ ହୋଇପାରେ।** ସେ କହିଛନ୍ତି ଯେ, ଏହି ଦୁଇ ଦେଶର ଲୋକସଂଖ୍ୟା ହିସାବରେ ଭାରତର ଲୋକସଂଖ୍ୟା ବହୁତ ଅଧିକ। ତେଣୁ ଭାରତରେ ସଂକ୍ରମଣ ମଧ୍ୟ ଅଧିକା ହେବ। ଏପରିକି ଦିନକୁ ୧୪ଲକ୍ଷ ପର୍ଯ୍ୟନ୍ତ ସଂକ୍ରମିତ ଚିହ୍ନଟ ହେବେ ବୋଲି ଡାକ୍ତର ପର୍ଲ ପୂର୍ବାନୁମାନ କରିଛନ୍ତି।

**ଓଡ଼ିଶା ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର କହିଛନ୍ତି, ଓମିକ୍ରନ୍ ଭାରତରେ ୩ୟ ଲହର ଆସିବ।** ଏଥିରେ କୌଣସି ସନ୍ଦେହ ନାହିଁ। ଯେଉଁଭଳି ଏହା ସଂକ୍ରମଣ କରୁଛି ତାହା ଚିନ୍ତାଜନକ। ଦକ୍ଷିଣ ଆଫ୍ରିକା, ୟୁକେ, ଡେନ୍‌ମାର୍କ ଓ ନରୱେରେ ଏହା କ୍ଷୀପ୍ର ଗତିରେ ମାଡୁଛି। ଏହା ସମଗ୍ର ବିଶ୍ୱକୁ ବ୍ୟାପିବ। କେସ୍ ଲୋର୍ଡ ବହୁତ ବଢିବ। ମାତ୍ର ସିଭିୟର୍‌ଟି ହେବ ନାହିଁ। ବିଦେଶ ଅନୁପାତରେ **ଆମ ଦେଶରେ ୨୦-୨୫ଲକ୍ଷ କେସ୍ ଦୈନିକ ଆସିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ର।** ସେ କହିଛନ୍ତି ଯେ, ଡିସେମ୍ବର ଶେଷ କିମ୍ବା ଜାନୁଆରୀ ୧ମ ସପ୍ତାହରେ ସଂକ୍ରମଣ ବଢିବାର ସମ୍ଭାବନା ରହିଛି। ଜାନୁଆରୀ ୩ୟ ସପ୍ତାହ ସୁଦ୍ଧା ସଂକ୍ରମଣ ପିକ୍‌ରେ ପହଞ୍ଚିପାରେ। ଓଡ଼ିଶାରେ ପାଖାପାଖି ୪୦-୫୦ ହଜାର ଭିତରେ କେସ୍ ଲୋର୍ଡ ରହିପାରେ ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ଚିହ୍ନଟ ହେବେ ସମସ୍ତେ ଲକ୍ଷଣବିହିନ ହିଁ ଚିହ୍ନଟ ହେବ। ଯେଉଁମାନଙ୍କର ଇମ୍ୟୁନିଟି କମ୍ ରହିଛି ସେମାନଙ୍କ କ୍ଷେତ୍ରରେ ସିଭିୟର୍‌ଟି ବଢିବ।

ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ କହିଛନ୍ତି ଯେ, ୩ୟ ଲହରର ମୁକାବିଲା ନିମନ୍ତେ ପ୍ରସ୍ତୁତ ଅଛୁ। ଶ୍ରୀ ମିଶ୍ର କହିଛନ୍ତି ଯେ, ଯେତେ ରୋଗୀ ଚିହ୍ନଟ ହେଲେ ମଧ୍ୟ ତାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଆମେ ପ୍ରସ୍ତୁତ ରହିଛୁ। ବ୍ରିଟେନ୍‌ରେ ଯେପରି ସଂକ୍ରମଣ ବଢୁଛି ୩ୟ ଲହରର ସମ୍ଭାବନା ନିଶ୍ଚିତ ରହିଛି। ତେଣୁ ଯାହା ସରକାରଙ୍କ ନିୟମାବଳୀ ରହିଛି। ଆନ୍ତର୍ଜାତୀୟ ଯାତ୍ରୀଙ୍କର ସର୍ଭିଲାନ୍ସ କରାଯିବା ସହ ସତର୍କତା ବଢାଯାଉଛି। ଓମିକ୍ରନ୍ ଚିହ୍ନଟ ପାଇଁ ଜିନମ୍ ସ୍କ୍ୟୁକେନ୍ସିଂ ଆବଶ୍ୟକ। ତେଣୁ ସ୍କ୍ୟୁକେନ୍ସିଂ ପାଇଁ ଯାଉଥିବା ନମୁନା ସଂଖ୍ୟା ବଢାଇବାକୁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏବେ ସୁଦ୍ଧା ରାଜ୍ୟକୁ ଆଟ୍ ରିକ୍ସ ଦେଶଗୁଡିକରୁ ୧୫ଶହରୁ ଅଧିକ ଲୋକ ଆସିଲେଣି। ଯାହା ତଥ୍ୟ ଅଛି ଓମିକ୍ରନ୍ ଲକ୍ଷ୍ୟଣ ପୂର୍ବପରି ପ୍ରାୟ ସମାନ। ୨ୟ ଲହରରେ ଯେଉଁ ଟ୍ରିଟ୍‌ମେଣ୍ଟ ଥିଲା ଏବେ ତାହା ରହିଛି। ଓମିକ୍ରନ୍ ଯୋଗୁଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ତାକୁ ସମ୍ଭାଳିବା ଲାଗି କ୍ଷମତା ରହିଥିବା କହିଛନ୍ତି। ସେ କହିଛନ୍ତି ଯେ, ରୋଗୀ ସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଭିତ୍ତିଭୂମୀ ବଢାଯିବ। ପୂର୍ବ ପ୍ରସ୍ତୁତି ସହ ଅକ୍ସିଜେନ୍, ବେଡ୍, ଜରୁରୀ ଔଷଧ ମହଜୁତ ରଖାଯାଉଛି। ନିୟମିତ ଏହାର ତର୍ଜମା କରାଯାଉଛି ଓ ପ୍ରସ୍ତୁତି ଚାଲିଛି। ରାଜ୍ୟର ସମସ୍ତ କୋଭିଡ୍ ହସ୍ପିଟାଲ୍, ଘରୋଇ ହସ୍ପିଟାଲ୍ ଓ ସ୍ୱତନ୍ତ୍ର ଓମିକ୍ରନ୍ ବ୍ଲକ୍ ରଖାଯିବାକୁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ମାସ୍କ : ମୋର-ଆପଣଙ୍କର୍ ସୁରକ୍ଷା କବଚ

**॥ ହିମାଂଶୁ ଶେଖର ଆଚାର୍ଯ୍ୟ ॥**

ଗତକାଲି ମୁଁ ଜଗତସିଂହପୁର ଚର୍ଚ୍ଛିକା ବଜାର ସ୍ଥିତ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରକୁ କିଛି ଔଷଧ ଆଣିବାକୁ ଯାଇଥିଲି, କାନ୍ଥରେ ଗୋଟିଏ ପୋଷ୍ଟର ଲଗାଯାଇଥିଲା। ସେଥିରେ ଲେଖାଥିଲା- MASK । ତାପରେ ପୁଣି ଲେଖାଥିଲା- M- ମୋର, A- ଆପଣଙ୍କର, S- ସୁରକ୍ଷା ଓ K-କବଚ। ଅର୍ଥାତ୍ ମାସ୍କ ହେଉଛି ମୋର- ଆପଣଙ୍କର ସୁରକ୍ଷା କବଚ। ଏସବୁ ଜାଣିବି ଆମେ ସଚେତନ ହୋଇପାରୁନୁ। ଏଣେ କରୋନାର ସମ୍ଭାବ୍ୟ ତୃତୀୟ ଲହର ନେଇ ଆମ ଦେଶ ଓ ରାଜ୍ୟରେ ଆତଙ୍କ ଦେଖାଦେଇଛି। ତେବେ ଏହା ଦ୍ୱିତୀୟ ଲହର ଭଳି କ୍ଷତିକାରକ ହେବକି ନାହିଁ ତାହା ସମୟ କହିବ। ତଥାପି ଆମକୁ ଏଥିପାଇଁ ସଜାଗ ହେବାକୁ ପଡ଼ିବ। ପାଖାପାଖି ଦୁଇବର୍ଷ ହେବ ଏହି ମହାମାରୀ ଆମ ସଂସ୍କୃତି ଓ ପରମ୍ପରାରେ ଅନେକ ପରିବର୍ତ୍ତନ ଆଣିଛି। ପର୍ବ ପର୍ବାଣି ଗୁଡ଼ିକ ପାଳନରେ ମଧ୍ୟ କରୋନା କଟକଣା ଲାଗୁ ହୋଇଛି। ଆମ ସଂସ୍କୃତି ମହାନ।ଏକଦା ଆମ ସଂସ୍କୃତିର ଧାରା ଥିଲା 'ବସୁଧୈବ କୁଟୁମ୍ବକମ୍' - 'ସର୍ବେ ଭବନ୍ତୁ ସୁଖୀନଃ' - 'ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ'। ଏସବୁ ଆଜି ଆଇ ମା' କାହାଣୀ ପରି ଲାଗୁଛି । ଆଧୁନିକତାର ଚାକଚକ୍ୟ ମଧ୍ୟରେ ସେ ସବୁ ବିବର୍ଜିତ ହୋଇ ପଡିରହିଛି । ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ' - ପିଲାଙ୍କ ପଢାବହିରେ ଥିବା ଏହି ଉକ୍ତିଟି ଆଜି ଶିଶୁମାନସରୁ ଲିଭିଯିବାକୁ ବସିଲାଣି। କୌଣସି ଶୁଭାଶୁଭ ମନାସିଲେ ପ୍ରଥମେ କାଉକୁ ଆଧାର ଦିଆଯିବାର ପରମ୍ପରା ରହିଛି। କେବଳ ସେତିକି ନୁହେଁ, ଆକାଶରେ ଜହ୍ନକୁ ଦେଖି ଶିଶୁ ପ୍ରାଣ ଆଉ ପୁଲକିତ ହେଉନାହିଁ। 'ଆ ଜହ୍ନମାମୁଁ ସରଗ ଶଶୀ - ମୋ କାହ୍ନୁ କୋଳରେ ପଡରେ ଖସି'ର ପ୍ରାଣମୟ ଆବେଦନ ହଜିଗଲାଣି ଟି.ଭି.ର କାର୍ଟୁନ୍ ଶୋ'ରେ । ବାଃ ବାଃ ବ୍ଲାକ୍‌ସିପ୍, ଟୁଇଁକିଲ୍ ଟୁଇଁକିଲ୍ ଲିଟିଲ ଷ୍ଟାର ଭିତରେ ଲୁଚି ଯାଉଛି ତା'ର କଳ୍ପନା । ସତୁରୀ ପ୍ରତିଶତ, ଅଶୀ ପ୍ରତିଶତ,ନବେ ପ୍ରତିଶତ ଅଙ୍କକଷା ଭିତରେ ସଙ୍କୁଚିତ ହୋଇଯାଇଛି ତା'ର ପ୍ରାଣର ବିସ୍ତାର। 'ଶଙ୍ଖଚିଲ ଭାଇ ନମସ୍କାର', 'ଜହ୍ନିଫୁଲ ଠୋ ଠା - କାକୁଡି ଫୁଲ ଠୋ ଠା' କହି ତାଳିମାରି ନାଚିପାରୁନି ସେ ।

ସଭ୍ୟତାର ପ୍ରସାର ସହିତ ମଣିଷ କ୍ରମଶଃ ଦୂରେଇ ଯାଉଛି ନିଜ ସଂସ୍କୃତି ଠାରୁ। ଉପଭୋକ୍ତାବାଦ ମଣିଷକୁ ଆଉ ମଣିଷ ଅବସ୍ଥାରେ ରହିବାକୁ ଦେଉନାହିଁ। ଧନ ବଳରେ ନଷ୍ଟ ହୋଇଯାଉଛି ମୂଲ୍ୟବୋଧ । ଏହି ମୂଲ୍ୟବୋଧର ଅବକ୍ଷୟ ଅପସଂସ୍କୃତିକୁ ଡାକି ଆଣୁଛି ହାତଠାରି । ଫଳ ସ୍ୱରୂପ ଆମ ସାଂସ୍କୃତିକ ଜୀବନ ହୋଇଉଠିଛି ବିକଳାଙ୍ଗ। ଆଜି ଭାଗବତ ଘର ଡିଅରେ ମୁଣ୍ଡ ଟେକିଛି ଯୁବକ ସଂଘ, ମହିଳା ସମିତି। ଚାଟଶାଳୀ ଜାଗାରେ ଠିଆ ହୋଇଛି ଅଙ୍ଗନବାଡି, ବାପା ଏବେ ଡାଡି, ବୋଉ ମମି, ଆଉ ମାଉସୀ, ଖୁଡି, ମାଇଁ ଏମାନେ ସମସ୍ତେ ଆଣ୍ଟିରେ ଗଣା । ସେମିତି ଦାଦା, ମଉସା, ମାମୁଁ ଏମାନେ ସମସ୍ତେ ଅଙ୍କଲ । ନମସ୍କାର ଆଉ ପ୍ରଣାମ ବଦଳରେ ଟା,ଟା ବାଏବାଏ । ଏତ ଗଲା ଆମ ନିତିଦିନିଆ କଥା । ବାହାଘର, ବ୍ରତଘର ଓ ପୂଜା ପାର୍ବଣ କଥା ନ କହିଲେ ଭଲ । ବାହାଘରମାନଙ୍କରେ ବରଯାତ୍ରୀ ମେଳରେ ଚାଲିଛି ଉଦଣ୍ଡ ନୃତ୍ୟ । ମାଣବସା ଗୁରୁବାରରେ ଲକ୍ଷ୍ମୀ ପୁରାଣ କ୍ୟାସେଟ୍‌ରେ କାମ ଚଳିଯାଉଛି । ଏପରିକି ଅଷ୍ଟପ୍ରହରୀମାନଙ୍କରେ ବିଭିନ୍ନ ସିନେମା ଗୀତର ଧୂନ୍‌କୁ ଅନୁକରଣ କରାଯାଇ ନାମ ସଂକୀର୍ତ୍ତନ ଚାଲିଛି। ଏବେ ଆମ ସଂସ୍କୃତିକୁ ଗତ କିଛି ବର୍ଷ ହେଲା ଧସେଇ ପସିଛି କାଉଡିଆ ସଂସ୍କୃତି । କାହିଁ କେଉଁ କାଳରୁ ଶିବ ଉପାସନା ଆମ ସଂସ୍କୃତିରେ ପ୍ରଚଳିତ ଥିଲେହେଁ ଏବେ ତାହାକୁ ଆଧାର କରି କାଉଡିଆ ମାନଙ୍କର ଭିଡ କାହିଁରେ କ'ଣ। ଯେଉଁଠି ଦେଖିବ ରାସ୍ତାରେ କାଉଡି ଧରି ଆବାଳ ବୃଦ୍ଧବନିତା ଚାଲିଛନ୍ତି ଶୈବ ପିଠକୁ। ଏଠାରେ ଭକ୍ତି ଅପେକ୍ଷା ମସ୍ତି ବେଶି ।

ନାଚ, ଗୀତ କଥା ଆହୁରି ତଦ୍ରୁପ । ଆମ ଓଡ଼ିଶୀ ନାଚ ଆମକୁ ଭଲ ଲାଗୁନି। ରେକର୍ଡ ଡ୍ୟାନ୍ସର ଯୁଗ ଏବେ। ବିଭିନ୍ନ ମଞ୍ଚ, ସାଂସ୍କୃତିକ ଅନୁଷ୍ଠାନ ଠାରୁ ଆରମ୍ଭ କରି ଗଣନାଟ୍ୟ ପର୍ଯ୍ୟନ୍ତ ସବୁଠି ଏହାର ଛାପ । ଏପରିକି ଟିଭି ଚ୍ୟାନେଲରେ ଜାତୀୟ ସ୍ତରଠାରୁ ଆରମ୍ଭ କରି ଆମ ଓଡିଆ ଟି.ଭି.ଚ୍ୟାନେଲ ପର୍ଯ୍ୟନ୍ତ ସବୁଠି କାୟା ବିସ୍ତାର କରିଚାଲିଛି ଏହି ଡ୍ୟାନ୍ସ ଧମାକା । ଏ ସବୁ ଦେଖିବାକୁ ଉତ୍କଣ୍ଠିତ ଆମ ଯୁବ ସମାଜ। ଅଭିଭାବକମାନେ ବି ଏହି ମାନିଆରୁ ମୁକ୍ତ ନୁହଁନ୍ତି। ଗୀତ ତ ଏଠି ପଣ୍ୟ ଦ୍ରବ୍ୟ। ବେପାରୀ ଚିନ୍ତାଚେତନା ନେଇ ଏଠି ପ୍ରସ୍ତୁତ ହେଉଛି ଭଜନ, ଜଣାଣ ଓ ଆଧୁନିକ ଗୀତର କ୍ୟାସେଟ୍ । ଦ୍ୱିଅର୍ଥବୋଧକ ଶବ୍ଦ ସଂଯୋଜନା ଓ ଚାଲୁ ସ୍ୱର ଏଠି ହୋଇଛି ଭଲ ସଙ୍ଗୀତର ମାପକାଠି ।

ପୂଜ୍ୟପୂଜା ଆଉ ନାହିଁ । ଅପୂଜ୍ୟକୁ ପୂଜା କରିବା 'ବିଧି'ରେ ପରିଣତ ହୋଇଛି । ଅନେକ ପୂଜ୍ୟ ବରପୁତ୍ର ଆଜି ଅବହେଳିତ । କେଉଁଠି ସେମାନେ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି ତ ଆଉକେଉଁଠି ସେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାଯାଉଛି । ସେହି ବରପୁତ୍ର ମାନେ ସିନା ଆଜି ନାହାଁନ୍ତି.ହେଲେ ପ୍ରତିମୂର୍ତ୍ତି ଗୁଡିକୁ ସୁରକ୍ଷା ଦେବା ସହ ସେମାନଙ୍କ ସ୍ମୃତିକୁ ସାଉଁଟି ରଖିବାର ସମୟ ଆସିଛି । କେବଳ ଜୟନ୍ତୀ ଓ ଶ୍ରାଦ୍ଧପାଳନରେ ସୀମିତ ରହିଛନ୍ତି ଅନେକ ଯୋଗଜନ୍ମା ବରପୁତ୍ର । ବାସ୍ତବରେ ଏଥିପ୍ରତି କାହାରି ନିଘା ନାହିଁ । ସେହିପରି ଉପାଧିକୁ ନେଇ ଅନେକ ବିତର୍କ ମୁଣ୍ଡ ଟେକିବାରେ ଲାଗିଛି । ରାଜ୍ୟ ସ୍ତରରେ ସାହିତ୍ୟ ଏକାଡେମୀ ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ପଦ୍ମଶ୍ରୀ,ପଦ୍ମଭୂଷଣ,ଜ୍ଞାନପୀଠ ଏପରିକି ସର୍ବୋଚ୍ଚ ଉପାଧି ଭାରତ ରତ୍ନ ପର୍ଯ୍ୟନ୍ତ ସବୁଠି ଏକା କଥା। ଏପରିକି କେତେକ କ୍ଷେତ୍ରରେ ଏହାକୁ ନେଇ ଘଟଣା କୋର୍ଟ ପରିସରକୁ ଯାଉଛି । ଫଳରେ ଉପାଧିର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି । ସେଦିନ ମାଣିକ ଗଉଡୁଣୀ କଳାଧଳା ଘୋଡାରେ ଯାଉଥିବା ଦୁଇଜଣ ଦିବ୍ୟ ପୁରୁଷଙ୍କୁ ଦହି ପୋଷେ ପୋଷେ ଦେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇଥିଲା । କାରଣ ସେଥିରେ ଥିଲା ଆମ ସଂସ୍କୃତିରେ ସ୍ନେହ ଓ ଆତିଥ୍ୟର ଉଦାରଭାବ, 'ଅତିଥି ଦେବୋଭବ'ର ପରମ୍ପରା। ଏକଥା ସିନା ମାଣିକ ଗଉଡୁଣୀ ବୁଝିଥିଲା, କିନ୍ତୁ ନିଜର ପଦପଦବୀ ଓ ସ୍ୱୀକୃତିକୁ ନେଇ ଡିଣ୍ଡିମ ପିଟୁଥିବା ଏବର ବିଜ୍ଞ ମଣିଷମାନେ ଏକଥା ବୁଝୁନାହାଁନ୍ତି । ଏହାହିଁ ବିଡମ୍ବନା !

କିଛିଦିନ ଧରି ଭିନ୍ନ ଏକ ଅନୁକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତାହା ହେଉଛି ରୁମାଲ ବନ୍ଧା ସଂସ୍କୃତି । ଦୁଇ ଚକିଆ ଯାନରେ ଗଲାବେଳେ ଝିଅମାନେ ମୁହଁରେ ଆଖି ତଳକୁ ରୁମାଲ ବାନ୍ଧି ଯିବାର ଦେଖିବାକୁ ମିଳୁଥିଲା। ସେତେବେଳେ ଏହାକୁ ଆମେ ଭିନ୍ନ ଦୃଷ୍ଟିରେ ଦେଖୁଥିଲୁ । ସେହିପର ସଂଖ୍ୟାଲଘୁ ସଂପ୍ରଦାୟରେ ଏବେବି ପରଦା ପ୍ରଥା ପ୍ରଚଳିତ ହୋଇରହିଛି।ସମ୍ପ୍ରତି ବିଶ୍ୱମହାମାରୀର ରୂପ ନେଇଥିବା କରୋନା ଆମକୁ ଭିନ୍ନ ଏକ ଚିନ୍ତା ଅଣିଦେଇଛି। ଏହି ରୋଗରେ ସାରା ବିଶ୍ୱରେ ତିନି ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ବରଣ କରିସାରିଲେଣି। ତଥାପି ଏହି ରୋଗର ସଂକ୍ରମଣ କମିବାର ନା ଧରୁନି ବରଂ ଦିନକୁ ଦିନ ସଂକ୍ରମଣ ସଂଖ୍ୟା ଓ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ଆମ ଦେଶ ତଥା ରାଜ୍ୟ ମଧ୍ୟ ଏଥିରୁବି ବାଦ ପଡିନି ।ଏହି ରୋଗର ନିରାକରଣ ପାଇଁ କୌଣସି ଟୀକା ବାହାରି ନଥିବା ବେଳେ ସାମାଜିକ ଦୂରତା ସଙ୍ଗରୋଦ୍ଧ ସାନିଟାଇଜର ବ୍ୟବହାର ସହ ମାସ୍କ(ତୁଣ୍ଡି) ପରିଧାନକୁ ଗୁରୁତ୍ୱ ଦିଆଯାଉଛି। ବିଶେଷ କରି ମାସ୍କ ବା ତୁଣ୍ଡି ପିନ୍ଧିବା ଏହି ରୋଗ ପାଇଁ ସୁରକ୍ଷା କବଚ ସାଜିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ ନିକଟରେ ଏହି ରୋଗରୁ ମୁକ୍ତି ପାଇବାର ସମ୍ଭାବନା ନାହିଁ ।ତେଣୁ ଆଗାମୀ ଦିନ ମାନଙ୍କରେ ଆମକୁ ମୁହଁରେ ତୁଣ୍ଡି ବାନ୍ଧି ଚଳ ପ୍ରଚଳ କରିବାକୁ ହେବ। ନିକଟରେ ଜର୍ମାନୀରେ ମାସ୍କ ବାନ୍ଧିବାକୁ ବାଧ୍ୟତା ମୂଳକ କରାଯାଇଛି। ଯାହା ଜଣାପଡୁଛି ଅମକୁ ମଧ୍ୟ ମାସ୍କ ପିନ୍ଧା ସଂସ୍କୃତିକୁ ଆପଣେଇବାକୁ ପଡିବ।ଏସବୁ ସତ୍ତ୍ୱେ କିଛି ଅମାନିଆ ମାସ୍କ ପିନ୍ଧୁନାହାନ୍ତି। ସାମାଜିକ ଦୂରତା ବି ମାନୁନାହାନ୍ତି। ଏପରିକି ଜୋରିମାନା ଦେଲେ ବି କୋଭିଡ୍ ନିୟମ ପାଳନ କରୁନାହାନ୍ତି। ଫଳରେ ସେମାନେ ନିଜପାଇଁ ବିପଦ ଆଣିବା ସହ ପରୋକ୍ଷରେ ଅନ୍ୟମାନଙ୍କ ପାଇଁ ବିପଦ ଡ଼ାକି ଆଣୁଛନ୍ତି। ଏହା ହିଁ ବିଡ଼ମ୍ବନା। ପୁଣି ମାସ୍କ ପିନ୍ଧିବା ନିୟମ କଡାକଡି ପାଳନ ହେବ ବୋଲି ସୂଚନା ଦିଆଯାଇଛି। ତଥାପି ଲୋକମାନେ ଆଉ ପୂର୍ବଭଳି ମାନୁନାହାନ୍ତି। ସେମାନେ ଭାବୁଛନ୍ତି ଯେ କୋରନା ଆଉବୋଧେ ନାହିଁ। କିନ୍ତୁ ଏବେ କରୋନାର ନୂଆ ଭାରିଏଣ୍ଟ ଓମିକ୍ରନ୍ ସମଗ୍ର ବିଶ୍ୱପାଇଁ ପୁଣି ନୂଆ ବିପଦ ସୃଷ୍ଟି କରିଛି। ଏପରିକି କରୋନା ଟିକାର ଦୁଇମାତ୍ରା ନେବା ପରେ ବି ଓମିକ୍ରନ୍ ଠାରୁ ମୁକ୍ତି ମିଳିବା କଷ୍ଟକର। ତେଣୁ 'ହୁ' ଠାରୁ ଆରମ୍ଭ କରି ଆମ ଦେଶର କେନ୍ଦ୍ର ଓ ରାଜ୍ୟସରକାର ଏ ବାବଦରେ ବାରମ୍ବାର ଆମକୁ ଚେତେଇ ଆସୁଛନ୍ତି। ଯେ ପର୍ଯ୍ୟନ୍ତ ଏ ମହାମାରୀ ସମ୍ପୂର୍ଣ୍ଣରୂପେ ଟଳି ନାହିଁ ଆମକୁ ପୂର୍ବଭଳି ମାସ୍କ ପରିଧାନ କରିବାକୁ ହେବ, ଭିଡ଼ ଜାଗା ମାନଙ୍କରେ ସାମାଜିକ ଦୂରତା ବଜାୟ ରଖିବାକୁ ହେବ ଓ ବାହାରୁ ଆସିଲେ ବାରମ୍ବାର ସାବୁନ୍ ଓ ସାନିଟାଇଜର୍‌ରେ ହାତ ଧୋଇବାକୁ ହେବ। ବିଶେଷ କରି ମାସ୍କ ପରିଧାନ ହିଁ କରୋନାର ସବୁଠୁ ବଡ଼ ସୁରକ୍ଷା କବଚ। ଏହିକଥା ଆମକୁ ଗୁରୁତର ସହ ବିଚାର କରିବାକୁ ହେବ। ଏବେ ଡ଼ିସେମ୍ବରମାସ ପାଇଁ ନୂଆ ସ୍ୱତନ୍ତ୍ର କୋଭିଡ୍ -୧୯ ଗାଇଡଲାଇନ୍ ପ୍ରକାଶ ପାଇଛି। ଏଣିକି ମାସ୍କ ପିନ୍ଧିବା ବାଧ୍ୟତାମୂଳକ କେତେ ଦିନ ରହିବ ତାହା ସମୟ କହିବ। ସୂଚନାଯୋଗ୍ୟ ଯେ, ମାସ୍କ ପିନ୍ଧିବା ଜାପାନର ସଂସ୍କୃତିର ଏକ ଅଂଶ ବିଶେଷ। ସେଠାରେ ଥଣ୍ଡା, କାଶ ଓ ଛିଙ୍କ ହେଲେ ମାସ୍କ ପରିଧାନ କରାଯାଏ। ଯାହା ଜଣା ପଡୁଛି କରୋନାର ଭୟାବହତା ଓ ମାସ୍କ ପିନ୍ଧିବା ଗୁରୁତ୍ୱ ସଂମ୍ପର୍କରେ ବିଶ୍ୱବାସୀଙ୍କୁ ସଚେତନ କରିବା ପାଇଁ ହୁଏତ ବିଶ୍ୱସ୍ତରରେ ଅନ୍ୟାନ୍ୟ ଦିବସ ପାଳନ ହେଲାପରି ବିଶ୍ୱ ମାସ୍କ ପରିଧାନ ଦିବସ ପାଳନ କରିବା ପାଇଁ ଗୋଟିଏ ଦିନ ନିର୍ଦ୍ଧାରଣ କରାଯାଇ ପାରେ। ମିଳିତ ଜାତିସଂଘ , ୟୁନେସ୍କୋ ବା ବିଶ୍ୱ ସ୍ୱାସ୍ଥ ସଙ୍ଗଠନ ଏ ଦିଗରେ ଚିନ୍ତା କରିପାରନ୍ତି। ସେ ଦିନକୁ ଅପେକ୍ଷା କରିବାର ଅଛି ! ଆମକୁ ମନେ ରଖିବାକୁ ହେବ ଯେ-ଜୀବନ ଆଗ ଆଉ ସବୁ ପଛ।

**ସଭାପତି**
**ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ-୯୯୩୭୧୫୧୦୫୨**

## ଆନ୍ଦୋଳନ କରିବେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ ଦାବିରେ ଆସନ୍ତା ୨୩ରୁ ଆନ୍ଦୋଳନ କରିବେ ପ୍ରାଥମିକ ଶିକ୍ଷକ। ଶହ ଶହ ପ୍ରାଥମିକ ଶିକ୍ଷକ ଏକାଠି ହୋଇ ନିଜ ହକ ପୂରଣ ପାଇଁ ବିଶାଳ ଶୋଭାଯାତ୍ରା କରି ବିକ୍ଷୋଭ କରିବେ। ଏ ନେଇ ସୂଚନା ଦେଇଛି ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ।



ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ରାଜ୍ୟ ସରକାର ୬ ବର୍ଷ ଠିକା ଓ ଚୁକ୍ତିରେ ଶିକ୍ଷକଙ୍କୁ କମ ଦରମା ଦେଇ କମା କରାଉଛନ୍ତି। ସବୁ ରାଜ୍ୟରେ ଶିକ୍ଷକଙ୍କୁ ୭ମ ବେତନ କମିଶନରେ ୪୨୦୦ ଗ୍ରେଡ୍ ପେ' ଦେଇ ଦରମା ସଂଶୋଧନ କରାଯାଇଛି। ହେଲେ ଆମ ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ସପ୍ତମ ବେତନ କମିଶନରେ ଗ୍ରେଡ୍ ପେ ୨୨୦୦ ଟଙ୍କା ଦେଇ ଦରମା ସଂଶୋଧନ କରାଯାଇଛି। ଯାହାକି ଅନ୍ୟ ରାଜ୍ୟ ଶିକ୍ଷକଙ୍କ ଠାରୁ କମ୍।

ସର୍ବୋଚ୍ଚ ଅଦାଲତ ସମାନ କାମକୁ ସମାନ ଦରମା ଦେବାକୁ କହିଥିବା ବେଳେ ସରକାର ଏହାକୁ ମାନୁନାହାଁନ୍ତି। ଶିକ୍ଷା ଅଧିକାର ଆଇନରେ ସମସ୍ତ ଶିକ୍ଷକଙ୍କୁ ପେନସନ୍, ଗ୍ରାଚୁଇଟି, ମେଡିକାଲ ଭତ୍ତା, ଭବିଷ୍ୟନିଧି ପାଣ୍ଠି, ଡାକ୍ତରୀ ସୁବିଧା, ସ୍ୱାସ୍ଥ୍ୟବୀମା ଓ ଅବସରକାଳୀନ ସୁବିଧା ସୁଯୋଗ ଦେବାକୁ ରାଜ୍ୟ ସରକାର ଆଇନ କରିଥିବା ବେଳେ ତାହାକୁ ନିଜେ ଉଲ୍ଲଙ୍ଘନ କରୁଛନ୍ତି।

## କଟକରୁ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ନେଇ ଚର୍ଚ୍ଚା ଉପରେ ସ୍ପଷ୍ଟିକରଣ ରଖିଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**କଟକ(ସଂପର୍କବାର୍ତ୍ତା):-** ୩ୟ ଲହର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ। ଯେତେ ରୋଗୀ ଚିହ୍ନଟ ହେଲେ ବି ସମସ୍ତଙ୍କୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି। ବ୍ରିଟେନ୍‌ରେ ଯେମିତି ସଂକ୍ରମଣ ବଢୁଛି, ୩ୟ ଲହର ସମ୍ଭାବନା ଅଛି ବୋଲି ସେ କହିଛନ୍ତି। ତେବେ ନିୟମାବଳୀ ଅନୁସାରେ ଅନ୍ତର୍ଜାତୀୟ ଯାତ୍ରୀଙ୍କର ସର୍ଭେଲାନ୍ସ ଚାଲିଛି। ଏହାସହ ସତର୍କତା ବଢାଯାଇଛି। ଓମିକ୍ରନ ସଂକ୍ରମଣ ଚିହ୍ନଟ ପାଇଁ ଜିନୋମ୍ ସିକ୍ୟୁଏନ୍ସିଂ ଜରୁରୀ। ଏଣୁ ଅଧିକ ସଂଖ୍ୟକ ନମୁନା ସିକ୍ୟୁଏନ୍ସିଂ ପାଇଁ ପଠାଯାଉଥିବା ସେ କହିଛନ୍ତି।

ତେବେ ଓମିକ୍ରନ ସଂକ୍ରମଣ ବ୍ୟାପିଥିବା ଦେଶରୁ ପ୍ରାୟ ୧୫୦୦ ଯାତ୍ରୀ ଆସିଛନ୍ତି। ତେବେ ଓମିକ୍ରନର ଲକ୍ଷଣ ପୂର୍ବ ଭାରିଏଣ୍ଟ ଭଳି ଥିବାରୁ ସେହିଭଳି ଚିକିତ୍ସା ଜାରି ରହିବ। ରାଜ୍ୟର ସମସ୍ତ କୋଭିଡ ହସ୍ପିଟାଲ, ଘରୋଇ ହସ୍ପିଟାଲରେ ସ୍ୱତନ୍ତ୍ର ଓମିକ୍ରନ ବ୍ଲକ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କଟକରୁ ଜଣେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ନେଇ ଚର୍ଚ୍ଚା ଉପରେ ସେ କହିଛନ୍ତି ଯେ, ଏହାର ତର୍ଜମା ଚାଲିଛି। ପ୍ରଶାସନ ପକ୍ଷରୁ ଏ ନେଇ ସୂଚନା ଆସିଲେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ସେପଟେ ପୁଣି ଡରାଇଲାଣି ୩ୟ ଲହର ଯାହାକୁ ଦେଖି ତତ୍ପର ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ହୁ ହୁ ହୋଇ ବଢୁଥିବା କୋଭିଡର ନୂଆ ପ୍ରଜାତି ଓମିକ୍ରନର ଦ୍ରୁତ ସଂକ୍ରମଣ ୩ୟ ଲହର ଆଶଙ୍କାକୁ ବଢାଇ ଦେଇଛି। ଆଉ ଏଥି ପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟ ସରକାରଙ୍କ ସହଭାଗିତାରେ ଚାଲୁଥିବା ଘରୋଇ କୋଭିଡ ହସ୍ପିଟାଲକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ହସ୍ପିଟାଲ୍‌ରେ ଅକ୍ସିଜେନ ସହ ମେଡିସିନ୍ ମହଜୁତ ରଖିବାକୁ କୁହାଯାଇଛି। ଆବଶ୍ୟକ ହେଲେ ନିର୍ଦ୍ଦେଶ ମିଳିବା କ୍ଷଣି ହସ୍ପିଟାଲ କାର୍ଯ୍ୟକ୍ଷମ କରାଇବାକୁ ପଡିବ।

ଏହା ସହ ଟୀକାକରଣ ବଢାଇବାକୁ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଡିଏମ୍ଇଟି କହିଛନ୍ତି। ଡେଲଟା ଭାରିଏଣ୍ଟ ଠାରୁ ଓମିକ୍ରନ ୫ଗୁଣା ଅଧିକ ବେଗରେ ସଂକ୍ରମିତ କରୁଥିବାରୁ ଏକା ସମୟରେ ଗୁରୁତର ରୋଗୀଙ୍କ ସଂଖ୍ୟା ବୃଦ୍ଧି ଆଶଙ୍କା କରୁଛି ସ୍ୱାସ୍ଥ୍ୟ ବିଭାଗ। ଅନ୍ୟପଟେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଜାନୁଆରୀରେ ୩ୟ ଲହର ସୁନିଶ୍ଚିତ। ଡେଲ୍‌ଟା ତୁଳନାରେ ଲକ୍ଷଣ କମ୍ ଥିବାରୁ ଜଣାପଡୁନି, ତେଣୁ ହଠାତ୍ ସ୍ଥିତି ସାଂଘାତିକ ହୋଇପାରେ।

## ରାସ୍ତାରେ ଜଳିଯାଉଛି ଇଲେକ୍ଟ୍ରିକ୍ ସ୍କୁଟର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏକ ଇଲେକ୍ଟ୍ରିକ୍ ସ୍କୁଟିରେ ନିଆଁ ଲାଗିବା ନେଇ ଏକ ନୂଆ ଘଟଣା ସାମ୍ନାକୁ ଆସିଛି। ମାମଲାଟି ମୁମ୍ବାଇର ଅନ୍ଧେରିରେ ଘଟିଛି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ସ୍ପଷ୍ଟ ଭାବେ ଦେଖାଯାଉଛି ଯେ ହଠାତ୍ ଏକ ଇଲେକ୍ଟ୍ରିକ୍ ସ୍କୁଟରରେ ଧୂଆଁ ଉଠୁଛି। ଧିରେ ଧିରେ ଏହା ଜଳିବା ଆରମ୍ଭ କଲା ବେଳେ ଏହାକୁ ପାଣି ପକାଇ କିଛି ଲୋକ ନିଆଁକୁ ଆୟ କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ପରେ ଏହି ଚତୁର୍ଥ ଘଟଣା। ଇକୋନୋମିକ୍ ଟାଇମ୍ସର ରିପୋର୍ଟରେ କୁହାଯାଇଛି ଯେ ଯେଉଁ ଇଲେକ୍ଟ୍ରିକ୍ ସ୍କୁଟରରେ ନିଆଁ ଲାଗିଛି ତାହା ଗ୍ବବଷବକ୍ସବରଙ୍ଗକ୍କଷଗ୍ବ ର ଘ୍୧ଇଲେକ୍ଟ୍ରିକ୍ ସ୍କୁଟର। ସାହାରା ଗ୍ରୁପର ଏହି କମ୍ପାନୀ ଜୁନ୍ ୨୦୧୯ରେ ଇଲେକ୍ଟ୍ରିକ ଭେଇକଲ୍ସ ସେଗମେଣ୍ଟରେ ମାର୍କେଟକୁ ଆଣିଥିଲା କମ୍ପାନୀ



୫୦ହଜାର ଇଲେକ୍ଟ୍ରିକ୍ ଟୁ ହ୍ୱିଲର ଓ ୬୦ ହଜାର ଥ୍ରି-ହ୍ୱିଲର ପ୍ରସ୍ତୁତ କରିବା ପାଇଁ ଗ୍ୱାଲିୟରର ସୁପରଇକୋ ଅଟୋମୋଟିଭ୍ ସହିତ ପାର୍ଟନରସିପ୍ କରିଥିଲା ଏକ୍ସ ୧ ଇଲେକ୍ଟ୍ରିକ୍ ସ୍କୁଟରର ଦାମ୍ ପ୍ରାୟ ୮୦ହଜାର ଟଙ୍କା । ଏହାର ରେଞ୍ଜ ୮୦କିଲୋମିଟର ଏବଂ ଏଥିରେ ୧.୯ କେଡବ୍ଲୁଏଚ୍ ଲିଥିୟମ୍ ଆୟନ ବ୍ୟାଟେରୀ ଦିଆଯାଇଛି। ସ୍କୁଟରରେ ୨୫୦ ଓ୍ୱାଟ୍ ମୋଟର ରହିଛି। ତେବେ ସୂଚନା ଅନୁସାରେ ଅଟୋମେଟିଭ୍ କହିଛି ଯେ କାହିଁକି ଏମିତି ଘଟଣା ଘଟିଲା ସେନେଇ ଯାଂଚ ଚାଲିଛି। ଏହା ସହିତ କମ୍ପାନୀ କହିଛି ଯେ ଆମେକେବଳ ଗାଡି ପ୍ରସ୍ତୁତ କରୁଛି। କିନ୍ତୁ ବ୍ୟାଟେରୀ ଆମେ ନିଜେ ପ୍ରସ୍ତୁତ କରୁନୁ । ଏହା ଥାର୍ଡ ପାର୍ଟ ଭେଣ୍ଡରଠୁ ଆସିଥାଏ। ଆମେ ବ୍ୟାଟେରୀ ସପ୍ଲାୟର ସାମ୍ନାରେ ଏହି ମାମଲା ଉଠାଇଛୁ। ଘଟଣା ସମ୍ପର୍କରେ ସଠିକ୍ ତଥ୍ୟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ। କହିରଖୁଛୁ ଇଲେକ୍ଟ୍ରିକ୍ ସ୍କୁଟରରେ ନିଆଁ ଲାଗିବା ଏହା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ୨ ଇଲେକ୍ଟ୍ରିକ୍ ସ୍କୁଟର୍ସରେ ନିଆଁ ଲାଗିଯାଇଥିଲା । ଏହା ପରେ ଓକିନାଓାର ସ୍କୁଟରରେ ମଧ୍ୟ ନିଆଁ ଲାଗିବା ମାମଲା ସାମ୍ନାକୁ ଆସିଥିଲା।

## ପଂଚାୟତ ନିର୍ବାଚନ;ବସିବ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଂଚାୟତି ନିର୍ବାଚନ ନେଇ ଖୁବଶୀଘ୍ର ବସିବ ସର୍ବଦଳୀୟ ବୈଠକ। ବୈଠକ ପରେ ଘୋଷଣା ହେବ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ତାରିଖ। ଏନେଇ ଡିସେମ୍ବର ୪ ତାରିଖରେ ଜିଲସ୍ତରରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ରବୀନ୍ଦ୍ର ସାହୁ ଏ ସମ୍ପର୍କରେ ବୁଧବାର ସୂଚନା ଦେଇନ୍ତି। ଗତଥର ଅପେକ୍ଷା ଏଥର ଭୋଟରଙ୍କ ସଂଖ୍ୟା ବଢିଛି। ଓ୍ୱାର୍ଡ ସଂଖ୍ୟାକମିଛି। ଚଳିତ ଥର ୧୯ହଜାର ୯୧୩ ଓ୍ୱାର୍ଡରେ ଭୋଟ ଗ୍ରହଣ ହେବ। ୨୦୧୭ରେ ଭୋଟର ସଂଖ୍ୟା୨କୋଟି ୬୧ଲକ୍ଷ ଥିଲା ଯାହା ଚଳିତ ନିର୍ବାଚନରେ ୨କୋଟି ୬୩ ଲକ୍ଷ ହେବାର ସମ୍ଭାବନା ରହିଛି ବୋଲି ଜଣାଇଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ ସଚିବ ରବୀନ୍ଦ୍ର ସାହୁ।

# ଭିକ୍ଷାବୃତ୍ତି କରୁଛନ୍ତି ସରପଞ୍ଚ

**ଖଲ୍ଲିକୋଟ(ସଂପର୍କବାର୍ତ୍ତା):-** ଭିକ୍ଷାବୃତ୍ତି କରି ପେଟ ପୋଷୁଛନ୍ତି ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ବାଦପଲ୍ଲୀ ସରପଞ୍ଚ ହେମ ନାୟକ। ବୟସ ପ୍ରାୟ ୬୦ବର୍ଷ। ସରପଞ୍ଚ କାର୍ଯ୍ୟକାଳ ଆହୁରି ସରିନି। ୨୦୧୭ ମସିହା ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତି ମହିଳା ସଂରକ୍ଷିତ ପଞ୍ଚାୟତରୁ ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ। ଗତକାଲି ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ବାଦପଲ୍ଲୀ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ ସରପଞ୍ଚ ହେମ ନାୟକ ମଧ୍ୟ ଉପସ୍ଥିତ ଥିଲେ। ତେବେ ଏହାର ୨୪ ଘଣ୍ଟା ପରେ ଆଜି ବାଦପଲ୍ଲୀ ନିକଟସ୍ଥ ମାଣିକପୁର, ମହେଶ୍ୱରପୁର, କୈରାଶ ଗ୍ରାମରେ ଘରକୁ ଘର ବୁଲି ସରପଞ୍ଚ ହେମ ନାୟକ ଭିକ ମାଗୁଥିବା ଦେଖିବାକୁ ମିଳିଛି। ଏହି ବୃଦ୍ଧା ପ୍ରତିଦିନ ଆସି ଭିକ ମାଗୁଛନ୍ତି ଏବଂ ସେ ଜଣେ ସରପଞ୍ଚ ବୋଲି ଆମେ ଜାଣିନାହୁଁ ବୋଲି କହିଛନ୍ତି ଭିକ୍ଷା ଦେଉଥିବା ମହିଳାମାନେ। କିଏ ଟଙ୍କାଏ, ଦୁଇ ଟଙ୍କା ତ ଆଉ କିଏ ଚାଉଳ ମୁଠାଏ ଦେଉଛନ୍ତି। ଏହାକୁ ନେଇ ପରିବାର ପ୍ରତିପୋଷଣ କରୁଛନ୍ତି ୬୦ ବର୍ଷୀୟା ବୃଦ୍ଧା ସରପଞ୍ଚ।




ଖଲ୍ଲିଖୋଟ ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ବାଦପଲ୍ଲୀ। ଜଙ୍ଗଲ ପାହାଡ ଘେରା ଏହି ପଞ୍ଚାୟତରେ ବହୁ ଆଦିବାସୀ ବସବାସ କରନ୍ତି। ଗତ ନିର୍ବାଚନରେ ପଞ୍ଚାୟତରେ କେବଳ ଗୋଟିଏ ପରିବାର ହରିଜନ ବର୍ଗର ହୋଇଥିବାରୁ ସହି ପରିବାରର ହେମ ନାୟକ ସରପଞ୍ଚ ପଦବି ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ହେମ ନାୟକ। ତେବେ ପାଠଶାଠ ପଢିନଥିବାରୁ ପଞ୍ଚାୟତରେ କଣ ହେଉଛି, କେତେ କାମ ଆସୁଛି, କେତେ ଟଙ୍କା ଆସୁଛି ଖବର ରଖିବାରେ ସକ୍ଷମ ନଥିଲେ। କେବଳ ନାମକୁ ମାତ୍ର ସରପଞ୍ଚ କରାଯାଇ ଅଫିସର ଚଳାଇଛନ୍ତି ପଞ୍ଚାୟତ। ସରପଞ୍ଚଙ୍କ ବିନା ଦସ୍ତକତରେ ମଧ୍ୟ ହୋଇଯାଉଛି ଉନ୍ନୟନ କାର୍ଯ୍ୟ।

ଭିକ୍ଷାବୃତ୍ତି କରୁଥିବା ସମୟରେ ତାଙ୍କୁ ଭେଟିଥିଲେ ଆମ ପ୍ରତିନିଧି। ପ୍ରତିକ୍ରିୟା ପ୍ରକାଶ କରି ହେମ ନାୟକ କହିଛନ୍ତି ଯେ ୫ବର୍ଷ ଭିତରେ କେବଳ ୪/୫ ଥର ପଞ୍ଚାୟତ ଅଫିସ୍ ଯାଇଛି। ବ୍ଲକ୍ ଅଫିସ୍ କେବେ ଆସିଛନ୍ତି ମନେ ନାହିଁ। କିଏ ବିଡିଓ ଅଛନ୍ତି ଜାଣିନାହାଁନ୍ତି। ତାଙ୍କୁ ସରପଞ୍ଚ ଦରମା କେତେ ମିଳୁଛି ଜାଣିନାହାଁନ୍ତି। ପଞ୍ଚାୟତରେ ହେମଙ୍କ ସାମୀ ପିଅନ ଥିବାରୁ ସେ ଦରମା ଟଙ୍କା ଉଠାଇ ଆଣନ୍ତି ବୋଲି କହିଛନ୍ତି ହେମ। ଏକ ଝାଟିମାଟି ଘରେ ରହୁଛନ୍ତି। ପଞ୍ଚାୟତରେ ଯାହାସବୁ ଉନ୍ନୟନ କାମ ହୁଏ ପଞ୍ଚାୟତ କର୍ମଚାରୀ କରନ୍ତି, ସରପଞ୍ଚ କିଛି ଜାଣନ୍ତିନି। ସରପଞ୍ଚଙ୍କ ଦସ୍ତକତ ଆବଶ୍ୟକ ହେଲେ କେବେ ଦସ୍ତକତ ନିଅନ୍ତି ତ କେବେ ନିଅନ୍ତିନି। ସାନପୁଅ ସୁଶାନ୍ତ ଗ୍ରାମରେ ମାଟି କାମ କରୁଛନ୍ତି। ବଡପୁଅ ବସନ୍ତ ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି।

## ନିରକ୍ଷର ହେମ ଜାଣିନାହାଁନ୍ତି କ୍ଷମତାର ମୂଲ୍ୟ

ହେମଙ୍କ ସାମୀ ଘନ ନାୟକ ବାଦପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ପିଅନ। ଏବେ ସରପଞ୍ଚ ଅବଧି ସରିବାକୁ ଆସିଲାଣି। ଭଙ୍ଗା ଦଦରା କୁଡିଆରେ ଦୁଇ ପୁଅ, ଦୁଇ ବୋହୂ ଏବଂ ହେମ ଓ ତାଙ୍କ ସାମୀ ରୁହନ୍ତି। ହେମ ବର୍ତ୍ତମାନ ସରପଞ୍ଚ ଥାଇ ମଧ୍ୟ ଏଭଳି ଦୟନୀୟ ପରିସ୍ଥିତି ଭୋଗ କରିବାକୁ ପଡୁଛି। ଜଣେ ଆଦୌ ପାଠ ପଢି ନଥିବା ବୃଦ୍ଧାଙ୍କୁ ସରପଞ୍ଚ ନିର୍ବାଚିତ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ସରପଞ୍ଚଙ୍କ ଏପରି ଅବସ୍ଥା ତାହା ହେଲେ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ କ'ଣ ହୋଇଛି। ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଇନ ହୋଇଛି ସଂରକ୍ଷଣ ବ୍ୟବସ୍ଥା।

ମହିଳା, ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ବର୍ଗକୁ ମିଳିଛି ସ୍ୱତନ୍ତ୍ର ସୁବିଧା। କିନ୍ତୁ ହେମ ନାୟକଙ୍କୁ ଦେଖିବା ପରେ ଆମ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଥରେ ସରପଞ୍ଚ ହେବା ପରେ କ୍ଷମତାର ଦୁରୁପଯୋଗ କରୁଥିବା ସରପଞ୍ଚଙ୍କ ତାଲିକା ଲମ୍ବା ହୋଇଥିବା ବେଳେ ହେମ ନାୟକ ଏକ ନୂଆ ନଜିର। ସରପଞ୍ଚଙ୍କ ସାକ୍ଷରରେ ହିତାଧିକାରୀ ଘର, ରାସନ ସମେତ ବହୁ ସରକାରୀ ଯୋଜନା ଉପଯୋଗ କରୁଛନ୍ତି। ଅଥଚ ସରପଞ୍ଚ ହେମ ନାୟକ ଆଜି ଦାଣ୍ଡର ଭିକାରି। ଏହାକୁ ପ୍ରତିଷ୍ଠିତ ସମାଜ କ'ଣ କହିବ। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ବିଡିଓ ମିତାଲି ପାତ୍ର କହିଲେ ଯେ, ତାଙ୍କୁ ସରପଞ୍ଚ ଦରମା ମାସିକ ୧୫ଶହ ମିଳୁଛି। ପୂର୍ବରୁ ଇନ୍ଦିରା ଆବାସ ଦିଆଯାଇଥିଲା। କିନ୍ତୁ ନିର୍ମାଣ ସଂପୂର୍ଣ୍ଣ ହୋଇନି। ଆସନ୍ତା କାଲି ସରପଞ୍ଚଙ୍କ ନିକଟକୁ ଯାଇ କଥା ହେବି ବୋଲି କହିଛନ୍ତି ବିଡିଓ।

# ଭୁବନେଶ୍ୱରରେ କିନ୍ନରଙ୍କ ଉତ୍ପାତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭଡାରେ ଯିବ ବୋଲି ଅଟୋ ଚାଳକଙ୍କୁ ଡାକିଲେ। ତାକୁ ଏକ ଘରେ ପୂରାଇ କିନ୍ନରମାନେ ୬ ଘଣ୍ଟା କାଳ ଅଟକି ରଖି ମାଡ ମାରିଲେ। ଏ ନେଇ ଶନିବାର ଦିନ ଅଟୋ ଚାଳକ ଗୋବର୍ଦ୍ଧନ ବେହେରା ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ଗୋବର୍ଦ୍ଧନଙ୍କ ଅଭିଯୋଗ ଅନୁଯାୟୀ ଶନିବାର ସକାଳେ ବରମୁଣ୍ଡା ଫାୟାର ଷ୍ଟେସନ୍ ଛକରୁ ଜଣେ କିନ୍ନର ତାଙ୍କୁ ଭଡାରେ ଭରତପୁର ଛକକୁ ଯିବାକୁ କହିଥିଲେ। ସେ ତାଙ୍କୁ ଭରତପୁରରେ ଛାଡିବା ପରେ ଫାୟାରଷ୍ଟେସନ୍‌ସ୍ଥିତ ଅଟୋ ଷ୍ଟାଣ୍ଡ୍‌କୁ ଫେରିଥିଲେ। କିଛି ସମୟ ପରେ ତାଙ୍କୁ ଆଉ ଜଣେ କିନ୍ନର ଭରତପୁରରୁ ତମାଣ୍ଡୋ ଭଡାରେ ଯିବାକୁ ଡାକିଥିଲେ। ଏଥିପାଇଁ ୫ ଶହ ଟଙ୍କା ଭଡା ସ୍ଥିର ହୋଇଥିଲା। ଏହାପରେ ଭରତପୁରକୁ ଯିବା ପରେ କିନ୍ନର ତାଙ୍କ ହାତରେ ୫ଶହ ଟଙ୍କା ଦେଇ ଦୋକାନରୁ ମଦ ଆଣିବାକୁ କହିଥିଲା। ମଦ ଆଣି ଆସିବା ପରେ କିନ୍ନରମାନେ ଗୋବର୍ଦ୍ଧନଙ୍କୁ ଘରକୁ ଡାକି ନେଇ ନିସ୍ତୁକ ମାଡ ମାରିଥିଲେ। ତାକୁ ୬ ଘଣ୍ଟା କାଳ ଏକ ଘରେ ବନ୍ଦି ରଖି ପିଟିବା ସହ ତାଙ୍କ ଅଟୋ, ମୋବାଇଲ୍, ପାଖରେ ଥିବା ୨୬ଶହ ଟଙ୍କା, ସୁନା ଲକେଟ୍ ଓ ଘଣ୍ଟା ନେଇଯାଇଥିଲେ। ଗୋବର୍ଦ୍ଧନ କାକୁତିମିନତି ହୋଇ ତାଙ୍କୁ ଛାଡିଦେବାକୁ ନିବେଦନ କରିବା ପରେ କିନ୍ନରମାନେ ତାଙ୍କ ମୋବାଇଲ୍ ଓ ଅଟୋ ଚାବି ଫେରାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।




ଅନ୍ୟପକ୍ଷରେ, କିନ୍ନରମାନେ ଗୋଟିଏ ପରେ ଗୋଟିଏ ଘଟଣା ଭୁବନେଶ୍ୱରରେ ଘଟାଇ ଆସୁଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ଭୁବନେଶ୍ୱରର କିଛି ଉତ୍ତେଜିତ ଯୁବକ କ୍ଷୁବ୍ଧ ହୋଇ କିନ୍ନରମାନଙ୍କ ଦାଦାଗିରି, ଗୁଣ୍ଡାଗିରିକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇ ଯୁବକମାନେ ଏକଜୁଟ ହେଉଥିବା ଶୁଣାଯାଉଛି। ପୋଲିସ୍ ଏଇ ଘଟଣାର ଉଚିତ୍ ସମାଧାନ ଓ ଉପଯୁକ୍ତ ଶାସନ ପଦ୍ଧତି ଗ୍ରହଣ ନ କରନ୍ତୁ ଭୁବନେଶ୍ୱରରୁ କିନ୍ନରଙ୍କୁ ହଟାଇବା ଲାଗି କିଛି ଯୁବକ ସଂପକ୍ଷବଦ୍ଧ ହେଉଥିବା ଶୁଣାଯାଉଛି।

# ରାଜ୍ୟରେ ଖୁବଶୀଘ୍ର ଗଠନ ହେବ କିନ୍ନର ମଙ୍ଗଳ ବୋର୍ଡ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହେଲା କିନ୍ନରଙ୍କ ପାଇଁ ଚିଠା ପଲିସି। ବିଭିନ୍ନ ବିଭାଗର ମତାମତ ସଂଗ୍ରହ ପରେ ପ୍ରଥମ ଥର ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେବ ସ୍ୱତନ୍ତ୍ର ଟାନ୍ସଜେଣ୍ଡର ପଲିସି। କିନ୍ନରଙ୍କୁ ମିଳିବ ସାମାଜିକ ସୁରକ୍ଷା ଓ ସମାଜରୁ ଦୂର ହେବ କିନ୍ନରଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ଖୁବ ଶୀଘ୍ର ଗଠନ କରାଯିବ କିନ୍ନର ମଙ୍ଗଳ ବୋର୍ଡ। ଯାହାକୁ ନେଇ କିନ୍ନରଙ୍କ ମହଲରେ ଖୁସିର ଲହରୀ। ଖୁବଶୀଘ୍ର ଆସିବ ସ୍ୱତନ୍ତ୍ର ଟ୍ରାନ୍ସଜେଣ୍ଡର ପଲିସି। ସରକାରୀ ଭାବେ ଜାରି ହେଲା ଚିଠା ପ୍ରସ୍ତାବ। ରାଜ୍ୟରେ ଗଠିତ ହେବ କିନ୍ନର ମଙ୍ଗଳ ବୋର୍ଡ। ସମାଜରେ ବଦଳିବ କିନ୍ନରଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୨୨ହଜାରରୁ ଅଧିକ କିନ୍ନର ପଞ୍ଜିକୃତ ହୋଇଛନ୍ତି । ତେବେ ଏମାନଙ୍କ ସଂଖ୍ୟା ୪୦ହଜାରରୁ ଅଧିକ। ୨୦୧୪ରେ ସର୍ବୋଚ୍ଚ ନ୍ୟାୟଳୟ ସେମାନଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ପ୍ରଦାନ କରିଥିଲେ। ୨୦୧୯ରେ କେନ୍ଦ୍ର ସରାକର ସ୍ୱତନ୍ତ୍ର ଟ୍ରନ୍ସଜେଣ୍ଡର ଆଇନ୍ କରିବା ସହ ସମସ୍ତ ରାଜ୍ୟକୁ ନିଜ ନିଜ ପଲିସି ପ୍ରଣୟନ କରିବାକୁ କହିଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ବିଜୁ ଜନତା ଦଳ କିନ୍ନରଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ଚିଠା ପଲିସି ଚୂଡାନ୍ତ ହେବା ପରେ ସମାଜରେ କିନ୍ନରଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହୋଇପାରିବ ବୋଲି ଆଶା ରଖିଛନ୍ତି ବିଭାଗୀୟ ମନ୍ତ୍ରୀ। ଏନେଇ ବିଭିନ୍ନ ଟ୍ରନ୍ସଜେଣ୍ଡର ଆଇନ୍ କରିବା ସହ ସମସ୍ତ ରାଜ୍ୟକୁ ନିଜ ନିଜ ପଲିସି ପ୍ରଣୟନ କରିବାକୁ କହିଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ବିଜୁ ଜନତା ଦଳ କିନ୍ନରଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ଚିଠା ପଲିସି ଚୂଡାନ୍ତ ହେବା ପରେ ସମାଜରେ ସୁରକ୍ଷା ପ୍ରଦାନ ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତ,ମାନ ପ୍ରସ୍ତୁତ ହୋଇଥିବା ଚିଠା ପଲିସି ଚୂଡାନ୍ତ ହେବା ପରେ ସମାଜରେ କିନ୍ନରଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହୋଇପାରିବ ବୋଲି ଆଶା ରଖିଛନ୍ତି ବିଭାଗୀୟ ମନ୍ତ୍ରୀ ଏନେଇ ବିଭିନ୍ନ ବିଭାଗର ମତାମତ ସଂଗ୍ରହ କରାଯାଉଛି। ସ୍ୱତନ୍ତ୍ର ମଙ୍ଗଳ ବୋର୍ଡ ଗଠନ ସହ ସେମାନଙ୍କର ବିଭିନ୍ନ ଦାବିକୁ ଏଥିରେ ସାମିଲ୍ କରାଯିବ। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି କିନ୍ନର ମହସଂଘ । ଏହା ଦ୍ୱାରା କିନ୍ନରଙ୍କ ବିଭିନ୍ନ ଦାବିକୁ ଏଥିପାଇଁ ଦରମା ସହିତ ଛୁଟି ପାଇଁ ଅନୁମତି ଏବଂ ସ୍ୱତନ୍ତ୍ର ଟ୍ରାନ୍ସଜେଣ୍ଡର ୱେଲଫର ବୋର୍ଡ ପାଇଁ ପ୍ରସ୍ତାବ ରହିଛି। ଏଥିରେ କିନ୍ନର ଉପକୃତ ହେବା ସହିତ ସେମାନେ ନିଜ ବୃତ୍ତିରୁ ଓହରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ପ୍ରବର୍ତ୍ତାଇବ ବୋଲି କିନ୍ନର ନେତ୍ରୀ ମତ ଦେଇଛନ୍ତି।



# କେବେ ଖୋଲିବ ସ୍କୁଲ୍ ? କେମିତି ପଢ଼ିବେ ପିଲା ?

## ଅଭିଭାବକଙ୍କ ଚିନ୍ତା...

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗକୁ ଘାରିଛି ପ୍ରାଥମିକ ସ୍କୁଲ ପିଲାଙ୍କ ପାଠପଢା ଚିନ୍ତା କୋଭିଡ ପାଇଁ ୨ବର୍ଷ ହେବ ସ୍କୁଲ ଖୋଲି ନଥିବା ବେଳେ କୋଭିଡ୍ ପରେ କେବେ ଖୋଲିବ ସ୍କୁଲ? କେମିତି ସ୍କୁଲ ଆସିବେ ଛାତ୍ରଛାତ୍ରୀ ? କିଭଳି ରହିବ ଶିକ୍ଷା ବ୍ୟବସ୍ଥା? ତାକୁ ନେଇ ହୋଇଛି ଆଲୋଚନା ଆତ୍ମଶକ୍ତି ଟ୍ରଷ୍ଟ ଜରିଆରେ ଜିଲାଓାରୀଉସର୍ତ୍ତ ପରେ ପିଲାଙ୍କ ମାନସିକ ସ୍ଥିତିକୁ ବଢିଛି ଚିନ୍ତା ତେଣୁ କୋଭିଡ୍ ସମୟରେ ପିଲାଙ୍କୁ ସ୍କୁଲ ଶିକ୍ଷା ଦେବା ପାଇଁ ଯୋଜନା କରୁଛି ଆୟୋଗ। କେବେ ଖୋଲିବ ସ୍କୁଲ ? କେମିତି ପଢିବେ ପିଲାଏ? ସ୍କୁଲ ନଖୋଲିଲେ କଣ ହେବ ବିକଳ୍ପ ? ବିନା ପାଠାପଢାରେ କିଭଳି ପଡିବ ମୂଳଦୁଆ ? ଦୀର୍ଘ ୨୨ମାସ ହେଲାଣି। ରାଜ୍ୟରେ ମାତ୍ର ରହେ ତେବେ ପ୍ରାଥମିକ ଶିକ୍ଷା ହେଉଛି ପିଲାଙ୍କ ମୂଳଦୁଆ। କିନ୍ତୁ ଅନଲାଇନ୍ ମାଧ୍ୟମରେ ସମସ୍ତଙ୍କ ପାଖରେ ସ୍କୁଲ ଶିକ୍ଷାରୁ ବି ଦୂରେଇ ଯାଇଛନ୍ତି ପ୍ରଥମରୁ ପଂଚମ ଶ୍ରେଣୀ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି ସତ ହେଲେ ଶିକ୍ଷା ଘର ଶୂନ। ଯାହାକୁ ନେଇ ପିଲାଙ୍କ ମାନସିକ ଚାପ ବଢିଛି। ରାଜ୍ୟର ମାତ୍ର ୨୭ପ୍ରତିଶତ ପିଲା ଅନଲାଇନ୍ ମାଧ୍ୟମରେ ପାଠ ପଢୁଛନ୍ତି। ଆତ୍ମଶକ୍ତି ଏନଜିଓ ସମସ୍ତ ଜିଲ୍ଲାରେ ଚାଟଶାଳୀ ସର୍ଭେ କରି ପିଲାଙ୍କ ଶୋଚନୀୟ ସ୍ଥିତି ବିଷୟରେ ଜାଣିବାକୁ ପାଇଛନ୍ତି। ଆଗକୁ ଯଦି ବନ୍ଦ ରହେ ତେବେ ପ୍ରାଥମିକ ତେବେ ପ୍ରାଥମିକ ସ୍କୁଲ ପିଲା ବାଧ ହୋଇ ସ୍କୁଲ ଛାଡିବେ । ସେପଟେ ବିଇଓ କହିଛନ୍ତି ଘରଘର ବୁଲି ଗ୍ରୁପ୍ କରି ଶିକ୍ଷକମାନେ ପିଲାକୁ ପାଇଛନ୍ତି। ପ୍ରାଥମିକ ଶିକ୍ଷା ହେଉଛ ପିଲାଙ୍କ ମୂଳଦୁଆ । କିନ୍ତୁ ଅନଲାଇନ୍ ମାଧ୍ୟମରେ ସମସ୍ତଙ୍କ ପାଖରେ ସ୍କୁଲ ଶିକ୍ଷା ପହଂଚି ପାରୁନାହିଁ। ବର୍ତ୍ତମାନ ପରିସ୍ଥିତିରେ ସ୍କୁଲ୍ ଖୋଲିବା ଯିଦଓ ଜରୁରୀ କିନ୍ତୁ ସଂକ୍ରମଣ ଆଶଙ୍କା ଏବେ ବି ରହିଛି। ତେବେ ପିଲାଙ୍କ ପାଖରେ ସ୍କୁଲଶିକ୍ଷା ପାରୁନାହିଁ। ବର୍ତ୍ତମାନ ପରିସ୍ଥିତିରେ ସ୍କୁଲ୍ ଖୋଲିବା ଯଦିଓ ଜରୁରୀ କିନ୍ତୁ ସଂକ୍ରମଣ ଆଶଙ୍କା ଏବେ ବି ରହିଛି। ତେବେ ପିଲାଙ୍କ ପାଖରେ ସ୍କୁଲ ଶିକ୍ଷା କିଭଳି ପହଂଚିବ ସେନେଇ ସମସ୍ତ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ନିଷ୍କର୍ଷ ବାହାରିବା ପରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପାଖରେ ଦାଖଲ କରାଯିବ। ବିକଳ୍ପ ଶିକ୍ଷା ବ୍ୟବସ୍ଥାକୁ ଫୋକସ୍ ରହି ବୋଲି ଓଏସ୍‌ପସିଆର ଅଧକ୍ଷା କହିଛନ୍ତି। ସ୍କୁଲ ନ ଖୋଲିଲେ ବି ପିଲାଙ୍କୁ କିପରି ଶିକ୍ଷାଦାନ କରାଯିବ ସେନେଇ ରାଜ୍ୟ ଶିଶୁ ଅଧିକାରୀ ସୁରକ୍ଷା ଆୟୋଗ ସମସ୍ତ ଜିଲ୍ଲାର ଡିଇଓ, ବିଇଓ ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ, ଅଭିଭାବକଙ୍କ ଓଙ୍କି ସ୍ୱତନ୍ତ୍ର ଆଲୋଚନା କରିଛନ୍ତି।




# ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର ବଢିବ ଦରମା ଓ ୩% ମହଙ୍ଗା ଭତ୍ତା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନୂତନ ବର୍ଷ ଆରମ୍ଭ ହେବା ସହିତ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର ଆଣିପାରନ୍ତି କେନ୍ଦ୍ର ସରକାର। ବାସ୍ତବରେ, ସରକାର ସପ୍ତମ ବେତନ ଆୟୋଗ ଅଧିନରେ ଥିବା କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତାକୁ ୩% ବୃଦ୍ଧି କରିପାରନ୍ତି। ଏ ବୃଦ୍ଧି ସହିତ ସରକାରୀ କର୍ମଚାରୀଙ୍କ ଦରମା ୨୦ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। କର୍ମଚାରୀମାନେ ୧୮ମାସର ବିଚାରଧିନ ବା ଅଟକି ରହିଥିବା ଡିଏ ବକେୟା ପାଇଁ ମଧ୍ୟ ଅପେକ୍ଷା କରିଛନ୍ତି। ଅକ୍ଟୋବରରେ ୩% ଓ ଜୁଲାଇରେ ୧୧% ବୃଦ୍ଧି ପରେ ଡିଏ ହାର ୩୧% ବୃଦ୍ଧି ପାଇଛି। ସରକାରୀ କର୍ମଚାରୀଙ୍କ ମୋଟ ବେତନର ମହଙ୍ଗା ଭତ୍ତା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଜାନୁଆରୀ-ଜୁଲାଇ ୨୦୨୦ ଓ ଜାନୁଆରୀ ୨୦୨୧ରେ ସାମୟିକ ଭାବରେ ଡିଏକୁ ବନ୍ଦ କରିବା ପରେ, ସରକାର ଜୁଲାଇ ୨୦୨୧ରେ ପ୍ରଥମ ଥର ପାଇଁ ଡିଏ ବୃଦ୍ଧି କରିଥିଲେ। ମହଙ୍ଗା ଭତ୍ତା ସରକାରୀ କର୍ମଚାରୀମାନଙ୍କୁ ଜୀବନଧାରଣ ମାନ ବଜାୟ ରଖିବା ଏବଂ ଦରଦାମ ବୃଦ୍ଧିର ମୁକାବିଲା ନିୟନ୍ତ୍ରଣ କରେ। ଅର୍ଥନୀତିର ମୁଦ୍ରାସ୍ଫୀତିକୁ ସୁଧାରିବା ପାଇଁ ବର୍ଷକୁ ୨ଥର ମହଙ୍ଗା ଭତ୍ତା ବୃଦ୍ଧି କରାଯାଏ।



# ପଞ୍ଚଭୂତରେ ବିଲୀନ ହେଲେ ସାମ୍ବାଦିକ ମନୋଜ ପାତ୍ର

**ରାୟଗଡା(ସଂପର୍କବାର୍ତ୍ତା):-** ପଂଚଭୂତିରେ ବିଲୀନ ହେଲେ ସାମ୍ବାଦିକ ମନୋଜ ପାତ୍ର। ଏକ ଶୋକାକୂଳ ପରିବେଶ ଭିତରେ ଆତ୍ମୀୟଙ୍କ ଗହଣରେ ମନୋଜଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଗତକାଲି ବ୍ରହ୍ମପୁର ବଡ ମେଡିକାଲରେ ୫୫ବର୍ଷ ବୟସରଙ୍କ ତାଙ୍କର ଦେହାନ୍ତ ହୋଇଥିଲା ମନୋଜ ପାତ୍ରଙ୍କ ପରଲୋକ ଖବର ସମସ୍ତଙ୍କୁ ସ୍ତବ୍ଧକରିଦେଇଥିଲା ସାମ୍ବାଦିକଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା ତାଙ୍କର ଶେଷ ଦର୍ଶନ ପାଇଁ ବାସନଭବନରେ ଲାଗିଥିବା ଗହଳି। ମେଡିକାଲରେ ଚିକିତ୍ସାରେ ଅବହେଳା କରାଯାଇଥିବା ନେଇ ମନୋଜଙ୍କ ସମ୍ପର୍କୀୟ ଭାଇ ବିନୋଦ ଏବଂ ପୁତୁରା ଚିନ୍ମୟ ପାତ୍ର ଅଭିଯୋଗ ଆଣିଛନ୍ତି। ଅସୁସ୍ଥ ହୋଇପଡିବାରୁ ମନୋଜଙ୍କୁ ସୋମବାର ହସ୍ପିଟାଲ ଅଣାଯାଇଥିଲା ରାତି ସାଢେ ୯ରୁ ସକାଳ ପର୍ଯ୍ୟନ୍ତ ବିଭିନ୍ନ ଡାକ୍ତର ଦେଖିଥିଲେ। ସକାଳେ ଜଣେ ମହିଳା ଡାକ୍ତର ସବୁକିଛି ଠିକ୍ ଅଛି କହି ଘରକୁ ପଠାଇ ଦେଇଥିଲେ। ଘରେ ପହଂଚିବା ପର ଦିନ ୧୦ଟାରେ ସେ ଚେତାଶୂନ୍ୟ ହୋଇପଡିଲେ । ତୁରନ୍ତ ବ୍ରହ୍ମପୁର ବଡ ମେଡିକାଲ ଆଣିବା ପରେ ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ଆଣିଛନ୍ତି ମନୋଜଙ୍କ ଭାଇ ବିନୋଦ।

## କଟକରେ ୱାର୍ଡ଼ ସଂରକ୍ଷଣ

# କର୍ପୋରେଟରଙ୍କ ବଢୁଛି ବ୍ଲଡ୍ ପ୍ରେସର୍

**କଟକ(ସଂପର୍କବାର୍ତ୍ତା):-** ସିଏମ୍‌ସିରେ ପୌର ନିର୍ବାଚନରେ ୱାର୍ଡ଼ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ଏବେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ୱାର୍ଡ଼ ସଂରକ୍ଷଣ ତାଲିକା ପ୍ରକାଶକୁ ନେଇ କେତେକ ପୂର୍ବତନ କର୍ପୋରେଟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେପଟେ ସଂରକ୍ଷଣ ତାଲିକାକୁ ନେଇ ଅନେକ ପୂର୍ବତନ କର୍ପୋରେଟର ନିଜ ୱାର୍ଡ଼ଁ ନିର୍ବାଚନରେ ଛିଡ଼ା ହେବାର ସୁଯୋଗ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଅନ୍ୟ ୱାର୍ଡ଼ରେ ନିର୍ବାଚନ ଲଢ଼ିବାକୁ ଯୋଜନା ପ୍ରସ୍ତୁତ କରି ଏବେଠୁ ଉଦ୍ୟମ ଆରମ୍ଭ କଲେଣି। ସେପଟେ ସଂରକ୍ଷଣ ତାଲିକା ପ୍ରକାଶ ପାଇବାର ତିନି ଦିନ ବିତି ଯାଇଥିଲେ ବି ଏହାକୁ ଆଜି ସୁଦ୍ଧା କୌଣସି ଅଭିଯୋଗ କି ଆପତ୍ତି ସିଏମ୍‌ସିରେ ହୋଇନାହିଁ।

ସରକାରଙ୍କ ପକ୍ଷରୁ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥର ସିଏମ୍‌ସରେ ଜନଗଣନା କରାଯାଇ ନ ଥିବାରୁ ୱାର୍ଡ଼ ସଂଖ୍ରା ବଢ଼ିନାହିଁ। ସେପଟେ ଗତ ୨୦୧୪ ପୌର ନିର୍ବାଚନରେ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ମାତ୍ର ୱାର୍ଡ଼ଗୁଡ଼ିକରେ ସଂରକ୍ଷଣ ତାଲିକାକୁ ପରିବର୍ତ୍ତନ କରାଯାଇଛି। ଗତଥର ଏହି ତାଲିକାରେ ସିଏମ୍‌ସିରେ ମହିଳା ବର୍ଗଙ୍କ ପାଇଁ ୧୭ଟି, ପଛୁଆବର୍ଗଙ୍କ ପାଇଁ ୮, ପଛୁଆବର୍ଗ ମହିଳାଙ୍କ ପାଇଁ ୮, ଅନୁସୂଚିତ ଜାତି ପାଇଁ ୩, ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୪, ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଗୋଟିଏ ଥିବାବେଳେ ଅଣସଂରକ୍ଷଣ ତାଲିକାରେ ୧୮ଟି ୱାର୍ଡ଼ ଥିଲା। ଚଳିତ ଥର ମାତ୍ର ଅଣସଂରକ୍ଷଣ ତାଲିକାରେ ୱାର୍ଡ଼କୁ ସାମିଲକ କରାଯାଇ ଥିବା ବେଳେ ଏହି ସଂଖ୍ୟା ୧୯ରେ ପହଞ୍ଚିଛି। ସେହିପରି ପଛୁଆବର୍ଗ ତାଲିକାରୁ ଗୋଟିଏ ୱାର୍ଡ଼ କମିଛି। ସଂରକ୍ଷଣ ବର୍ଗ ତାଲିକାରେ ବିଶେଷ ପରିବର୍ତ୍ତନ କରାଯାଇ ନଥିବା ବେଳେ ୱାର୍ଡ଼ଗୁଡ଼ିକରେ ଏହାକୁ ବଦଳା ଯାଇଛି। ଏହାକୁ ନେଇ ଶାସକ ବିଜେଡ଼ିରୁ ଆରମ୍ଭ କରି ବିରୋଧୀ ବିଜେପି ଓ କଂଗ୍ରେସର ପୂର୍ବତନ କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ୱାର୍ଡ଼ଗୁଡ଼ିକରେ ସଂରକ୍ଷଣ ବର୍ଗ ବଦଳି ଥିବାରୁ ପୂର୍ବରୁ ଏଠାରେ କର୍ପୋରେଟର ଭାବେ ଦାୟିତ୍ୱ ତୁଲାଇଥିବା କର୍ପୋରେଟରମାନେ ଏଥର ସେହି ୱାର୍ଡ଼କୁ ନିର୍ବାଚନ ଲଢ଼ିବାର ସୁଯୋଗ ହରାଇଛନ୍ତି। ତେବେ କିଛି ପୂର୍ବତନ କର୍ପୋରେଟର ସେମାନଙ୍କୁ ୱାର୍ଡ଼କୁ ଛାଡି ଅନ୍ୟ ୱାର୍ଡ଼ରେ ଛିଡ଼ା ହେବାକୁ ଏବେଠାରୁ ଯୋଜନା ପ୍ରସ୍ତୁତ କରିଲେଣି। ନିଜ ୱାର୍ଡ଼ରେ ଦୀର୍ଘ ବର୍ଷ ଧରି କାମ କରିବା ପରେ ଏବେ ଆଉ ଏକ ୱାର୍ଡ଼ଁରେ ନିର୍ବାଚନ ଲଢ଼ିବାକୁ ହେଲେ ସେମାନଙ୍କୁ ଏବେଠାରୁ ଲୋକ ସଂପର୍କ ବଢ଼ାଇବା କାମରେ କିଛି ପୂର୍ବତନ କର୍ପୋରେଟର ଲାଗି ଗଲେଣି। ସେପଟେ ସେହି ୱାର୍ଡ଼ରେ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଏହାକୁନେଇ ଚିନ୍ତା ବଢ଼ିବାରେ ଲାଗିଛି।

# ମହାନଦୀବିହାରରେ ଜବରଦଖଲ ଉଚ୍ଛେଦ ଭଲ ହୋଇଛି

**କଟକ(ସଂପର୍କବାର୍ତ୍ତା):-** ପୋତାପୋଖରୀ ନେତାଜୀ ଖେଳପଡ଼ିଆ ପାଖ ମହାନଦୀବିହାର ପ୍ରବେଶ ପଥ ସରକାରୀ ଜାଗାକୁ ଦୀର୍ଘଦିନ ଧରି ଅବରୋଧ କରି ଇଟା, ଗୋଡ଼ି ଓ ବାଲି ଗଦା କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବେପାରୀଙ୍କୁ ଆଜି ଉଚ୍ଛେଦ କରାଯାଇଛି। ଜବରଦଖଲକାରୀଙ୍କ ଯୋଗୁଁ ପ୍ରବେଶ ପଥ ରାସ୍ତା ସଂକୀର୍ଣ୍ଣ ହୋଇ ଗମନାଗମନର ବାଧା ସୃଷ୍ଟି ହେଉଥିଲା। ଏପରିକି ମହାନଦୀବିହାର ପ୍ରବେଶ ପଥରେ ମୋ ବସ୍ ପାର୍କିଂ କରିବାକୁ ଜାଗା ନଥିବାରୁ ବସ୍ ସବୁ ବାଧ ହୋଇ ରାସ୍ତା ଉପରେ ଛିଡ଼ା ହେଉଥିଲା। ଫଳରେ ଟ୍ରାଫିକ ସମସ୍ୟ ସୃଷ୍ଟି ହୋଇଥିଲା। ଉଚ୍ଛେଦ ହୋଇଥିବା ସରକାରୀ ଜମିରେ ମୋ ବସ୍ ପାର୍କିଂ ହେବା ସହ ଏଥିରେ ମିସନ ଶକ୍ତି ଗୃହ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ଉଚ୍ଛେଦ ସମୟରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ଶଶିକାନ୍ତ ରାଉତ, ଦୁଇ ପ୍ଲାଟୁନ୍ ଫୋର୍ସ ଓ ଟ୍ରାଫିକ୍ ପୁଲିସ ସ୍କାଡ୍ ଘଟଣାସ୍ଥଳ ଜଗିଥିଲେ।

# ଜଗତସିଂହପୁର ଜିଲ୍ଲାପାଳଙ୍କ ପ୍ରାଣୀ ସଂପଦ ଓ ମସ୍ତ୍ୟଚାଷ ସଂପର୍କିତ ଫାର୍ମ ପରିଦର୍ଶନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟ୍ଟାଓାରୀ ପ୍ରାଣୀ ସଂପଦ ଓ ମସ୍ତ୍ୟଚାଷ ଭିତିକ ବିଭିନ୍ନ ଡାୟରୀ ଓ କୁକୁଡା ଫାର୍ମ ସହିତ ମୋ ପୋଖରୀ ଯୋଜନା ଓ ବାଓ ଫ୍ଲକ ୟୁନିଟ୍ ମାନ ପରିଦର୍ଶନ କରିବା ସହିତ ଯୁବଦ୍ୟୋଗୀ ମାନଙ୍କ ସହିତ ସେମାନଙ୍କର ସଫଳତା ନେଇ ମତ ବିନିମୟ କରିଥିଲେ । ଏଥି ସହିତ ସଦର ବ୍ଲକର ବିରିବାଟି ଗ୍ରାମରେ ବିଶିଷ୍ଟ ଛତୁଚାଷୀ ଶାରଦା ପ୍ରସାଦ ରାୟ ତାଙ୍କ ନିଜ ଫାର୍ମ ପୋଖରୀରେ କରିଥିବା ମୁକ୍ତାଚାଷ କିଭଳି ହେଉଛି ଦେଖିବାକୁ ଯାଇଥିଲେ । ଏଥି ସହିତ ଶାରଦାଙ୍କ ବାଡିରେ ଲାଗିଥିବା ଥାଇଲାଣ୍ଡ ବରକୋଳି,ଛତୁଚାଷ ଦେଖି ବହୁତ ଖୁସି ହୋଇଥିଲେ ଜିଲ୍ଲାପାଳ । ଜିଲ୍ଲାପାଳଙ୍କ ସହିତ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ.ବୀର କିଶୋର ପରିଡା, ଜିଲ୍ଲା ପ୍ରାଣୀ ଚିକିତ୍ସା ହସ୍‌ପିଟାଲର ଉପ-ନିର୍ଦ୍ଦେଶକ ଡଃ.ବିକ୍ରମ ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ମସ୍ତ୍ୟ ଅଧିକାରୀ ଦୀପ୍ତି ରଞ୍ଜନ ମହାପାତ୍ର ପ୍ରମୁଖ ଗ୍ରସ୍ତକରି ଜିଲ୍ଲାରେ ମସ୍ତ୍ୟ ଓ ପ୍ରାଣୀ ପାଳନ କ୍ଷେତ୍ରରେ ସଫଳତା ଲାଭ କରିଥିବା ବିଭିନ୍ନ ଯୁବଦ୍ୟୋଗୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କିପରି ପାଇଛନ୍ତି ସେ ନେଇ ଆଲୋଚନା କରିଥିଲେ । ଜିଲ୍ଲାପାଳ ଶ୍ରୀମତୀ ପଟ୍ଟାଓରୀ ସର୍ବ ପ୍ରଥମେ ସଦର ବ୍ଲକର ପଦ୍ମପୁର ଗ୍ରାମରେ ଶିବ କଲ୍ୟାଣ ମହାନ୍ତିଙ୍କ ଉନ୍ନତ ଗୋପାଳନ କେନ୍ଦ୍ର ଓ ମସ୍ତ୍ୟଚାଷ ପରିଦର୍ଶନ କରିବା ସହିତ ମତ ବିନିମୟ କରିଥିଲେ । ଏଥି ସହିତ ଶଙ୍କର ହଲଷ୍ଟିନ୍ ଓ ଜର୍ସି ଦୁଧିଆଳୀ ଗାଈର,ଉନ୍ନତ ଶଙ୍କର ଜାତୀୟ ଘାସ ସହିତ ଦୁଗ୍‌ଧରୁ ପ୍ରସ୍ତୁତ ବିଭିନ୍ନ ଦୁଗ୍‌ଧଜାତ ଦ୍ରବ୍ୟ ଯଥା ଘିଅ,ପନିର ଆଦି ପ୍ରସ୍ତୁତ କରି କିଭଳି ଲାଭବାନ ହେଉଛନ୍ତି ଜିଲ୍ଲାପାଳ ପଚାରି ବୁଝିଥିଲେ । ତାପରେ ବାଲିକୁଦାର ଡେଙ୍ଗାପୋଲସ୍ଥିତ ଏକ ବାଓ ଫ୍ଲକ ମାଛ ୟୁନିଟ୍ ବୁଲି ଦେଖିଥିଲେ । ସେହିପରି ବାଲିକୁଦା ବ୍ଲକସ୍ଥିତ ଗୋପାଳପୁର ଗ୍ରାମରେ ସତ୍ୟବ୍ରତ ଗିରିଙ୍କ ସ୍ୱୟଂଚାଳିତ ପରିବେଶ ନିୟନ୍ତ୍ରିତ ୧୦ ହଜାରରୁ ଉର୍ଦ୍ଧ୍ୱଥିବା ବ୍ରଏଲର (ମାଂସାଳ) କୁକୁଡା ଫାର୍ମ ପରିଦର୍ଶନ କରି ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିଥିଲେ । ଏହାପରେ ଅଢଙ୍ଗସ୍ଥିତ ଖାଲେରୀ ଗ୍ରାମରେ ୩୦ରୁ ଉର୍ଦ୍ଧ ଉନ୍ନତ ଶଙ୍କର ହଲଷ୍ଟିନ୍,ସାହିଓ୍ୱାଲ,ଜର୍ସିଗାଈ ଆଦି ଦେଖିବା ସହିତ ବିଦ୍ୟୁତ୍ ଚାଳିତ ଘାସ କଟାଯନ୍ତ୍ର ଓ ଘାସ କାଟିବାର ଦୃଶ୍ୟ ଜିଲ୍ଲାପାଳ ଦେଖିବା ସହିତ ଏହି ଫାର୍ମର ଉଦ୍ୟୋଗୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଶଂସା କରିଥିଲେ । ଏସବୁ ଉଦ୍ୟୋଗୀମାନେ ଗୋପାଳନ ସହିତ ସବୁଜ ଘାସ ଚାଷୀଙ୍କୁ ଅଗ୍ରାଧିକାର ଦେଉଥିବାରୁ ଗୋପାଳନରେ ଅଧିକ ଲାଭ ପାଇ ପାରିବେ



ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲାପାଳ ଶ୍ରୀମତୀ ପାରୁଲ୍ ପଟ୍ଟାଓରୀଙ୍କ ଏଭଳି ଗ୍ରସ୍ତ ସହିତ ଚାଷୀ ଯଥା ଉଦ୍ୟୋଗୀ ମାନଙ୍କ ସହିତ ପ୍ରତ୍ୟକ୍ଷ ଭାବେ ମତ ବିନିମୟ କରିଥିବାରୁ ସେମାନଙ୍କ ମଧ୍ୟରେ ଏକ ଉତ୍ସାହର ବାତାବରଣ ସୃଷ୍ଟି କରିପାରିଛି ଏବଂ ଭବିଷ୍ୟତରେ ସେମାନେ ଏସବୁ କ୍ଷେତ୍ରରେ ଅଧିକରୁ ଅଧିକ ସଫଳତା ହାସଲ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ।

# 'ସଖୀ ଷ୍ଟପ୍ ଓ୍ୱାନ ସେଣ୍ଟର'ର ଆଇନ ସଚେତନତା କାର୍ଯ୍ୟକ୍ରମ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଦୁର୍ଗାବଜାର ଠାରେ ସଖୀ ଷ୍ଟପ ଓ୍ୱାନ ସେଂଟର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମହିଳା ଓ ବାଳିକାମାନଙ୍କୁ ତ୍ୱରୀତ ନ୍ୟାୟ ପ୍ରଦାନ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ ବରିଷ୍ଠ ଆଇନଜୀବୀ ଓ ସାମାଜିକ କର୍ମୀ ସାରଦା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ୟାଭ୍ରୁଣ ହତ୍ୟା, ପୋକସୋ ଆଇନ, ବାଳିକା ଓ ମହିଳା ସଶକ୍ତକରଣ ସଂପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଖୀ କେନ୍ଦ୍ରର କେନ୍ଦ୍ର ପ୍ରଶାସିକା ମେନକା ସିଂ ସଖୀ କେନ୍ଦ୍ର କାର୍ଯ୍ୟ ପରିଚାଳନା ଓ ପିଡିତା ମହିଳା ଓ ବାଳିକାମାନଙ୍କୁ ଏହି କେନ୍ଦ୍ର ତରଫରୁ



ଦିଆଯାଉଥିବା ସହାୟତା ସଂପର୍କରେ ଆଲୋଚନା କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବରେ ଆଇନଜୀବୀ ବିଷ୍ଣୁପ୍ରିୟା ସାହୁ ଓ ଜୁଭେନାଇଲ ଜଷ୍ଟିସ ବୋର୍ଡର ସଭ୍ୟା ଆଇନଜୀବୀ ଯୋଗପ୍ରଭା ଲେଙ୍କା ଯୋଗଦେଇ ମହିଳା ଓ ବାଳିକାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏହି କେନ୍ଦ୍ରର ଗୁରୁଦାୟିତ୍ୱ ଥିବା କହିଥିଲେ। ମହିଳା ଓ ବାଳିକାମାନଙ୍କ ପ୍ରତି ହେଉଥିବା ହିଂସା ବନ୍ଦ କରିବାକୁ ସଖୀ କେନ୍ଦ୍ର ତରଫରୁ ଅଧିକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଆଇନଜୀବୀ ସୌଭାଗ୍ୟ ଦାସ, ତ୍ରିଲୋଚନ ସାହୁ ପରିବାର ମଧ୍ୟରେ ଶାନ୍ତି ବଜାୟ ରଖିବାକୁ ସଖୀ କେନ୍ଦ୍ରର କାଉନସିଲରମାନେ ବିଭିନ୍ନ ଦଂପତିଙ୍କୁ ପରାମର୍ଶ ଦେବାକୁ କହିଥିଲେ। ସମାଜରେ ବରିଷ୍ଠ ନାଗରିକମାନଙ୍କ ସେବା ଯତ୍ନ ଯେପରି ପୁଅ ବୋହୁମାନେ ନେବେ ସେଥିପାଇଁ କାର୍ଯ୍ୟ କରିବାକୁ କହିଥିଲେ। ସେହିପରି ଆଇନଜୀବୀ ଗଗନ ଚନ୍ଦ୍ର ଦଶ ଝିଅଟିଏ ବିଭିନ୍ନ ପରିସ୍ଥିରେ ଅତ୍ୟାଚାରିତ ହେଉଥିବା ନେଇ ଆଲୋଚନା କରିବା ସହିତ ଏଥିପାଇଁ ସଖୀ କେନ୍ଦ୍ର ତରଫରୁ ଦିଆଯାଉଥିବା ସହଯୋଗ ସଂପର୍କରେ ବକ୍ତବ୍ୟ ରଖିଥିଲେ।ଏଥିରେ ନରେଶ ଗୋଛାୟତ , ମଧୁସ୍ମିତା ଓଝା , ସୁସ୍ମିତା ଦାସ , ରୂପାଲି ବେହେରା ଓ ସୌମ୍ୟ ମହନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟମାନଙ୍କୁ କମ୍ବଳ ବଣ୍ଟନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଅପଣ୍ଡରା ମକର ପଡିଆଠାରେ ଗାଦିବ୍ରହ୍ମ ସେବକ ସଂଘ ପକ୍ଷରୁ ସଭାପତି କେଦାର ଦଳାଇଙ୍କ ତତ୍ୱାବଧାନରେ ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଣବ ପ୍ରଧାନ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୈଧୁରୀ , ସଂଜୟ ପାଳ, ଗଂଗାଧର ନାୟକ , କୃଷ୍ଣଚନ୍ଦ୍ର ପ୍ରଧାନ ଓ ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଶତାଧିକ ବ୍ୟକ୍ତିଙ୍କୁ କମ୍ବଳ ବଂଟନ କରାଯାଇଥିଲା।

# ଜୀବନରେ ଯଦି ଉନ୍ନତି କରିବାକୁ ଚାହୁଁଛନ୍ତି ତେବେ ପ୍ରତିଦିନ କରନ୍ତୁ ଏହିସବୁ କାର୍ଯ୍ୟ, ଚମକି ଉଠିବ ଆପଣଙ୍କ ଭାଗ୍ୟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରତିଦିନ ଆମର ସୁଖ ଓ ସମୃଦ୍ଧି ପ୍ରାପ୍ତ ହେଉ ବୋଲି ଆମେ ପ୍ରାୟ ଅଧିକାଂଶ ଉପାୟ ଅବଲମ୍ବନ କରିଥାଉ। କିନ୍ତୁ ଅଧିକାଂଶ ସମୟ ଆମର ଭାଗ୍ୟ ମଧ ଆମ ସାଥୀ ହୋଇ ନଥାଏ। ଯଦି ଆପଣ ଚାହୁଁଛନ୍ତି ଆପଣଙ୍କର ପ୍ରତ୍ୟେକ ଦିନ ସୁଖ ସମୃଦ୍ଧିରେ ଅତି ବାହିତ ହୋଇ ଥାଉ ତେବେ ପ୍ରତିଦିନ ଏହି କିଛିଟା ଉପାୟକୁ ପ୍ରତିଦିନ ଆପଣାଇବା ଦ୍ୱାରା ଜୀନରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଥାଏ।




୧. ପ୍ରତିଦିନ ସକାଳୁ ଉଠିବା ମାତ୍ରକେ ସର୍ବ ପ୍ରଥମେ ଭଗବାନଙ୍କର ଧନ୍ୟବାଦ ଜଣାନ୍ତୁ। ଏବଂ ଆପଣଙ୍କ ଦିନଟି କିପରି ଭଲରେ କଟିବ ସେଥିପାଇଁ ପ୍ରାଥନା କରନ୍ତୁ।

୨. ଜୀବନରେ ସଫଳତା ଓ ଶକ୍ତି ଦେବାର କାରକ ହେଉଛନ୍ତି ସୂର୍ଯ୍ୟଦେବ। ପ୍ରତିଦିନ ସକାଳୁ ଗାଧୋଇ ସାରି ସୂର୍ଯ୍ୟ ଦେବଙ୍କୁ ଅକ୍ଷତ ସିନ୍ଦୁର ଓ ନାଲି ମନ୍ଦାର ଅର୍ପଣ କରନ୍ତୁ। କାରଣ ଏପରି କରିବା ଦ୍ୱାରା ଜୀବନରେ ଯଶ ଶକ୍ତି ଓ ସଫଳତା ବୃଦ୍ଧି ହୋଇଥାଏ।

୩. ଯେତେବେଳେ ମଧ ଆପଣ ସକାଳୁ କୌଣସି କାର୍ଯ୍ୟରେ ବାହାରକୁ ଯାଉଛନ୍ତି ସେହି ସମୟରେ କେଶର ଓ ହଳଦୀର ଟିକା ମୁଣ୍ଡରେ ଲଗାଇ ଯାଆନ୍ତୁ। ଏହାଦ୍ୱାରା ଆପଣଙ୍କ ଉପରେ ଗୁରୁ ବୃହସ୍ପତିଙ୍କ କୃପା ରହିବ। କାରଣ ଜୀବନରେ ଉନ୍ନତି ଓ ସଫଳତା ପାଇଁ ବୃହସ୍ପତିଙ୍କ କୃପା ନିହାତି ଆବଶ୍ୟକ।

୪. ଶନି ଓ ରାହୁ ଦୁଇଟି ଏପରି ଗ୍ରହ ଯାହା ଗୋଟିଏ ସୁଖଦ ଜୀବନକୁ ମଧ ନଷ୍ଟ କରି ଦେଇଥାଆନ୍ତି। ତେଣୁ ପ୍ରତିଦିନ ସକାଳୁ ଗାଧୋଇ ସାରି ଓସ୍ତ ବୃକ୍ଷ ମୂଳରେ ଜଳ ଦାନ କରିବା ଦ୍ୱାରା ଏହିସବୁ ସଙ୍କଟରୁ ଦୂରେଇ ହୋଇ ରହି ହୁଏ।

୫. ଦୁର୍ଗା ସପ୍ତଶତୀ, ହନୁମାନ ଚାଳିଶା, ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରିବା ଦ୍ୱାରା ବ୍ୟବସାୟରେ ଉନ୍ନତି ହୋଇଥାଏ। ଜୀବନରେ ସମସ୍ତ ଅସୁବିଧା ଦୂର ହୋଇଥାଏ।

# ପୁରୁଣାରୁ ଅତି ପୁରୁଣା ଦାଗ ଦୂର କରିବ ବାଦାମ ତେଲ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବାଦାମ କେବଳ ଆମ ଦେହ ପାଇଁ ନୁହେଁ, ତ୍ୱଚା ପାଇଁ ମଧ ବେଶ୍ ଲାଭଦାୟକ ହୋଇଥାଏ। ନିୟମିତ ବାଦାମ ତେଲ ଲଗାଇଲେ ତ୍ୱଚାର ଲୋଚାକୋଚାପଣ ଦୂର ହୋଇଥାଏ ବୋଲି ଏକ୍ସପର୍ଟ ମତ ଦିଅନ୍ତି। ଏଥିସହ ବୟସର ଛାପ ବି ଦେଖିବାକୁ ମିଳେ ନାହିଁ। ଦାଗ ମୁକ୍ତ ତ୍ୱଚା ପାଇବାକୁ ଚାହୁଁଥିଲେ, ବାଦାମ ତେଲ ବ୍ୟବହାର କରିପାରିବେ। ତେବେ ଆସନ୍ତୁ ଜାଣିବା ବାଦାମ ତେଲର ଅନ୍ୟ ଲାଭ ବିଷୟରେ।



ଆଖିତଳ କଳା ପଡୁଥିଲେ;
ଅଧିକ ସମୟ ମୋବାଇଲେ ବ୍ୟବହାର କଲେ କିମ୍ବା ଠିକରେ ରାତି ନ ଶୋଇଲେ ଆଖି ତଳ କଳା ପଡିଯାଏ। ଏହା ମୁହଁର ସୌନ୍ଦର୍ଯ୍ୟ କମାଇଦିଏ। ଏହି ସମସ୍ୟାରୁ ମୁକ୍ତି ପାଇବାକୁ ଆପଣ ବାଦାମ ତେଲ ବ୍ୟବହାର କରିପାରିବେ। ଦୁଇଟୋପା ବାଦାମ ତେଲ କଳା ପଡିଥିବା ଜାଗାରେ ଲଗାଇଲେ ଦାଗ ଦୂରହେବ।


ଚର୍ମ ଜାକି ହୋଇଥିଲେ;
ତ୍ୱଚାର ଚର୍ମ ଜାକିଜୁକି ବା ଲୋଚାକୋଚା ହୋଇଥିଲେ ବୟସ ବଢିଲେ ଭଳି ଦିଶେ। ଏହି ସମସ୍ୟାରୁ ମୁକ୍ତି ପାଇଁ ମଧ ଆପଣ ବାଦାମ ତେଲ ବ୍ୟବହାର କରିପାରିବେ। ବାଦାମ ତ୍ୱଚାକୁ କୋମଳ ଓ ନର୍ମାଳ କରେ। ଏଥିପାଇଁ ରାତିରେ ବାଦାମ ତେଲ ସହ ନଡିଆ ତେଲ ମିଶାଇ ମୁହଁରେ ମସାଜ କରନ୍ତୁ ଓ ସେମିତି ହିଁ ଛାଡି ଦଅନ୍ତୁ କିଛି ଦିନ ଭିତରେ ଦେଖିବେ ଲୋଚାପଣ କମିଯାଇଥିବା

ଦାଗମୁକ୍ତ ଚେହେରା ପାଇଁ;
ମୁହଁରୁ ଦାଗ କରିବା ପାଇଁ ନିୟମିତ ବାଦାମ ତେଲ ଲଗାନ୍ତୁ ଏହାକୁ କିଛି ଦିନ ବ୍ୟବହାର କଲେ ପୁରୁଣାରୁ ଅତି ପୁରୁଣା ଦାଗ ବି ଲିଭି ଯିବ। ଏହା ଲୋମକୂପ ଯାଏଁ ଯାଇ ପରିଷ୍କାର କରିଥାଏ।

# ବାରମ୍ବାର ପିଉଛନ୍ତି କି ଗରମ ପାଣି, ହୋଇପାରେ ସମସ୍ୟା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଜନ ହ୍ରାସ ଏବଂ ମେଟାବୋଲିଜିମ୍ ସଠିକ୍ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଜରୁରୀ ଅଟେ, କିନ୍ତୁ ଆପଣ ଏହା କରିବା ପାଇଁ ମଧ ସଠିକ୍ ଉପାୟ ଜାଣିବା ଉଚିତ୍। ଅଧିକାଂଶ ଲୋକ ସେମାନଙ୍କ ସକାଳ ଏକ ଗ୍ଲାସ୍ ଉଷୁମ ପାଣିରୁ ଆରମ୍ଭ କରନ୍ତି, କିନ୍ତୁ ଦିନସାରା ବାରମ୍ବାର ଗରମ ପାଣି ପିଅନ୍ତୁ ନାହିଁ।

ଆଭ୍ୟନ୍ତରୀଣ ଅଙ୍ଗର କ୍ଷତି ;
ପ୍ରତିଦିନ ୬-୭ ଗ୍ଲାସ୍ ପାଣି ପିଇବା ଉଚିତ୍। କିନ୍ତୁ ଅଧିକ ଗରମ ପାଣି ପିଇବା ଦ୍ୱାରା ଆମର ଆଭ୍ୟନ୍ତରୀଣ ପ୍ରଣାଳୀକୁ କ୍ଷତି ପହଂଚିପାରେ। ତେଣୁ ଅଧିକ ଗରମ ପାଣି ପିଅନ୍ତୁ ନାହିଁ। ଗରମ ପାଣିର ତାପମାତ୍ରା ଆପଣଙ୍କ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଠାରୁ ବହୁତ ଅଧିକ। ଗରମ ପାଣି ପିଇବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଜଳିବାର ଆଶଙ୍କା ରହିଥାଏ। ତେଣୁ ପାଣିକୁ ହାଲୁକା ଉଷୁମ କରି ପିଅନ୍ତୁ, ଅଧିକ ଗରମ ପାଣି ପିଅନ୍ତୁ ନାହିଁ। ଏହି ଅଙ୍ଗ ଉପରେ ପଡିଥାଏ ପ୍ରଭାବ ; ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡିକର ଟିସୁ ଅତ୍ୟନ୍ତ ସମ୍ବେଦନଶୀଳ ଯଦି ଆପଣ ବାରମ୍ବାର ଗରମ ପାଣି ପିଅନ୍ତି, ତେବେ ଏହା ଆପଣଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଫୁଲା ସୃଷ୍ଟି କରିପାରେ। ଗରମ ପାଣି ଦ୍ୱାରା ପ୍ରଭାବିତ ହେଉଥିବା ପ୍ରଥମ ଅଂଶଗୁଡିକ ହେଉଛି ଓଠ, ପାଟିର ଭିତର ଅଂଶ ଜିଭ ଏବଂ ବେକ।



କିଡନୀ ଫଙ୍କ୍‌ସନ ; କିଡୀନର କାର୍ଯ୍ୟ ହେଉଛି ଶରୀରରୁ ଜଳ ଏବଂ ବିଷାକ୍ତ ପଦାର୍ଥ ବାହାର କରିବା ଗରମ ପାଣି ପିଇବା ସାଧାରଣ ଅପେକ୍ଷା କିଡନୀ ଉପରେ ଅଧିକ ଚାପ ପକାଇଥାଏ। ଏହା କିଡନୀର କାର୍ଯ୍ୟକୁ ପ୍ରଭାବିତ କରିଥାଏ।

ଏହି ସ୍ଥିତିରେ ପିଅନ୍ତୁ ନାହିଁ ;
ଯିଦ ରାତିରେ ଶୋଇବା ସମୟରେ ଗରମ ପାଣି ପିଇବାର ଅଭ୍ୟାସ ଅଛି, ତେବେ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ରାତିରେ ଶୋଇବା ସମୟରେ ଗରମ ପାଣି ପିଇବା ଦ୍ୱାରା ଶୋଇବା ସମସ୍ୟା ହୋଇପାରେ। ଏହା ବାରମ୍ବାର ପରିସ୍ରା କରିଥାଏ ଏବଂ ଆପଣଙ୍କ ରକ୍ତଭଣ୍ଡାର କୋଷ ଉପରେ ଚାପ ବଢାଇଥାଏ।

# ମାଂସପେଶୀକୁ ମଜଭୁତ ରଖେ ଭିଟାମିନ୍-ଡି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ହରମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ ଡି। ଏହା ଶରୀରରେ ଅସ୍ଥି ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହି ଭିଟାମିନ୍‌ର ଅଭାବ ଘଟେ, ସେତେବେଳେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ୟୁନିଭରସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହା ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ମାଂସପେଶୀ ଉପରେ ପଡେ ତା ସହ ଏଥିଯୋଗୁ ହୃତ୍‌ପିଣ୍ଡର କାର୍ଯ୍ୟ ପ୍ରଭାବିତ ହେବାର ଯଥେଷ୍ଟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହା ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ମାଂସପେଶୀ ଉପରେ ପଡେ, ତା ସହ ଏଥିଯୋଗୁ ହୃତପିଣ୍ଡର କାର୍ଯ୍ୟ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଶରୀରରେ ଭିଟାମିନ୍ ଡି ଅଭାବ ପରିଲକ୍ଷିତ ହେଲେ ସ୍ନାୟୁଗୁଡିକ ଦୁର୍ବଳ ହୋଇପଡେ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା- କଦଳୀ, କମଳା, ଆଲ୍‌ମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର ଜୁସ୍ ଆଦିକୁ ଖାଇବା ନିହାତି ଆବଶ୍ୟକ। ଏହାସହ ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ଆସନ୍ତୁ।




# ତମ୍ବା ପାତ୍ରରେ ପାଣି ରଖି ପିଇଲେ କ'ଣ ହୁଏ, ଜାଣନ୍ତୁ ଏହି ଚାରୋଟି ଉପକାରିତା

**କୋଲକାତା(ସଂପର୍କବାର୍ତ୍ତା):-** ତମ୍ବା ପାତ୍ରରେ ରଖାଯାଇଥିବା ଜଳ ଆମ ଶରୀର ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ। ପ୍ରଚୁର ଜଳ ପିଇବା ଦ୍ୱାରା ଆମ ଶରୀରରେ ଥିବା ସମସ୍ତ ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। ଯାହା ଆମ ଶରୀରକୁ ଅନେକ ରୋଗରୁ ରକ୍ଷା କରେ। ତେବେ ସାଧାରଣ ଗ୍ଲାସ ଅପେକ୍ଷା ତମ୍ବା ପାତ୍ର ଜଳ ସ୍ୱାସ୍ଥ୍ୟ ପାଇଁ ବେଶ ଉପକାର କରିଥାଏ। ତେବେ ଏହା ପ୍ରାଚୀନ ଯୁଗରୁ ପ୍ରମାଣିତ ହୋଇ ଆସିଛି ଯେ, ତମ୍ବା ପାତ୍ରରେ କିଛି ସମୟ ପାଣି ରଖି ପିଇଲେ ତାହା ଶରୀର ପାଇଁ ଅନେକ ଉପକାର ଦେଇଥାଏ। ଯଦି ରାତିରେ ତମ୍ବା ପାତ୍ରରେ ଜଳ ରଖି ସକାଳୁ ପିଇଲେ ତାହା ଆହୁରି ଅଧିକ କାମ ଦିଏ। ତେବେ ଜାଣନ୍ତୁ ତମ୍ବା ପାତ୍ରରେ ଥିବା ଜଳ ପିଇଲେ ଶରୀର ପ୍ରତି କିପରି ଉପକାରୀ ହୋଇଥାଏ।

୧. ବେଳେବେଳେ କିଛି ଭୁଲ ଖାଇବା କାରଣରୁ ଆମର ହଜମ ପ୍ରକ୍ରିୟା ଅତ୍ୟନ୍ତ ଖରାପ ହୋଇପଡେ।



ଏ ସବୁର ନିରାକରଣ ପାଇଁ ଏକ ତମ୍ବା ପାତ୍ରରେ ରଖାଯାଇଥିବା ପାନୀୟ ଜଳ ନିୟମିତ ପାନ କଲେ ଏହା ପେଟକୁ ସଫା ରଖେ ଏବଂ ହଜମ ପ୍ରକ୍ରିୟାରେ ମଧ ଉନ୍ନତି ଆଣେ।

୨. ଯଦି ଆପଣ ଓଜନ ବୃଦ୍ଧି ଯୋଗୁଁ ଅସୁବିଧାରେ ପଡୁଛନ୍ତି, ତେବେ ଏକ ତମ୍ବା ପାତ୍ରରେ ରଖାଯାଇଥିବା ଜଳ ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ। ଏହାକୁ ପିଇବା ଦ୍ୱାରା ଆପଣଙ୍କ ଶରୀରରେ ଜମା ହୋଇଥିବା ଅତ୍ୟଧିକ ଚର୍ବି କମିଯାଏ।

୩. ଯଦି ଆପଣଙ୍କର ପେଟରେ ଅଲସର୍ ସମସ୍ୟା ଅଛି, ତେବେ ରାତିରେ ଏକ ତମ୍ବା ପାତ୍ରାରେ ପାଣି ରଖି ସକାଳୁ ନିୟମିତ ପାନ କରନ୍ତୁ। ଏହା ଅଲସର ରୋଗକୁ ଶୀଘ୍ର ଭଲ କରିଥାଏ।

୪. ଯଦି ପାଣିପାଗ ପରିବର୍ତ୍ତନ ହେତୁ ଥଣ୍ଡା ହୁଏ, କିମ୍ବା ଆପଣ କୌଣସି ପ୍ରକାର ସଂକ୍ରମଣରେ ଅସୁବିଧାରେ ପଡନ୍ତି ତେବେ ନିୟମିତ ଭାବରେ ଏକ ତମ୍ବା ପାତ୍ରରେ ରଖାଯାଇଥିବା ପାଣି ପିଅନ୍ତୁ।

# ଶିଶୁ ସାହିତ୍ୟିକ ଶାନ୍ତନୁ କୁମାର ପଟ୍ଟନାୟକଙ୍କ 'କଥା କୁହା କଣ୍ଢେଇ' ପୁସ୍ତକ ଉନ୍ମୋଚିତ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ସ୍ଥାନୀୟ ନବୀନ ଭବନ ପରିସରରେ ବରିଷ୍ଠ ଶିଶୁ ସାହିତ୍ୟିକ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ଦ୍ୱାରା ରଚିତ ଶିଶୁ ଗଳ୍ପ ସଂକଳନ 'କଥା କୁହା କଣ୍ଢେଇ' ଶିଶୁ ଦିବସ ଅବସରରେ ଉନ୍ମୋଚିତ ହୋଇଯାଇଛି। ନବୀନର ସମ୍ପାଦକ ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ଡ଼ା. ପି.ସି. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଯୁକ୍ତ ଦୁଇ କାଉନସିଲର ଉପସଚିବ ଡ଼.କୁଳମଣି ଓଝା ଯୋଗଦେଇ ଶିଶୁମାନଙ୍କ ମନସ୍ତତ୍ତ୍ୱକୁ ବୁଝି ଲେଖକମାନେ କଲମ ଚାଳନା କଲେ ତାହା ଶିଶୁମାନଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବର୍ଷୀୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଯୋଗଦେଇ ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡ଼.ଡ଼ମ୍ବରୁଧର ସାହୁ, କବି ନବୀନ କୁମାର ପଟ୍ଟନାୟକ ଓ ପ୍ରାଧ୍ୟାପକ



ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର କର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଳକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ପୁସ୍ତକର ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଭଗବତ ଚାରିଟେବଲ ଟ୍ରଷ୍ଟ ଅଧକ୍ଷ ଏସ.ପ୍ରକାଶ ଚନ୍ଦ୍ର ପାତ୍ର, ଡ଼.ଇନ୍ଦୁ ଭୂଷଣ ପଟ୍ଟନାୟକ, କବୟତ୍ରୀ ପଦ୍ମିନୀ ମିଶ୍ର, ବନ୍ଦନା ମହାପାତ୍ର, ମମତା ପଟ୍ଟନାୟକ, ବିପିନ ବିହାରୀ ପଟ୍ଟନାୟକ, ଡ଼ା.ସାଗର ରଞ୍ଜନ ତ୍ରିପାଠୀ, ଶିକ୍ଷାବିତ ଅଜିତ କୁମାର ମହାପାତ୍ର, ଜିତେନ୍ଦ୍ରନାଥ ପଟ୍ଟନାୟକ, ଅନନ୍ତ ରଥ, ଇଂ.ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବି. ସତ୍ୟମ ଆଚାରୀ, ପବିତ୍ର କୁମାର ଚୌଧୁରୀ, ଇଂ. ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୁସ୍ତକର ରଚୟିତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁମାର କାର୍ତ୍ତିକେଶ୍ୱର ପ୍ରଧାନ ସହଯୋଗ କରିଥିଲେ। ଶେଷରେ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନତ ଭିତ୍ତିଭୂମି ଓ ପୁରସ୍କାର ରାଜ୍ୟ କ୍ରୀଡାକୁ ଆଗକୁ ନେବାରେ ସହାୟକ ହେବ:କ୍ରୀଡାମନ୍ତ୍ରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଉଲ୍ଲେଖନୀୟ କ୍ରୀଡା ପ୍ରଦର୍ଶନ କରିଥିବା ରାଜ୍ୟର ମୋଟ ୨୩୭ ଜଣ କ୍ରୀଡାବିତଙ୍କୁ ଅର୍ଥ ପୁରସ୍କାରରେ ସମ୍ମାନିତ କରାଯାଇଛି। କ୍ରୀଡା ଓ ଯୁବସେବା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ କ୍ରୀଡା ଓ ଯୁବସେବା ତଥା ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭାଗ କମିଶନର ତଥା ଶାସନ ସଚିବ ଆର୍.ଭିନୀଲ୍ କ୍ରୀଷ୍ଣା ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ କ୍ରୀଡାବିତମାନଙ୍କୁ ମୋଟ ୧ କୋଟି ୮ଲକ୍ଷ ୮୩ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ।

ପ୍ରତ୍ୟକ୍ଷ ତଥା ଭର୍ଚୁଆଲରେ ଯୋଗଦେଇଥିବା କ୍ରୀଡାବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ବେହେରା କହିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ




ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର କ୍ରୀଡା ଓ କ୍ରୀଡାବିତ୍‌ଙ୍କ ଉନ୍ନତି ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ 'ସ୍ପୋର୍ଟ ଫର୍ ୟୁଥ ଏବଂ ୟୁଥ ଫର୍ ଫିଉଚର୍' ଲକ୍ଷ୍ୟକୁ ପୂରଣ ନିମନ୍ତେ ଆମ ବିଭାଗ ଅନେକ ଆଖିଦୃଷ୍ଟିଆ କାର୍ଯ୍ୟ କରିଆସିଛି। ଖେଳାଳିମାନଙ୍କୁ ନିଜ ନିଜ ଇଭେଣ୍ଟରେ ଉତ୍କର୍ଷ ପ୍ରତିପାଦନ ପାଇଁ ଅନେକ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ଆମେ ସକ୍ଷମ ହୋଇ ପାରିଛୁ। ଖେଳାଳୀମାନଙ୍କ ଉଚ୍ଚ ପ୍ରଦର୍ଶନ ନିମନ୍ତେ ରାଜ୍ୟରେ ୧୧ଟି ଏଚପିସି ନିର୍ମାଣ ହୋଇଛି। ଗତ କାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜେ କଳିଙ୍ଗ ଷ୍ଟାଡିୟମ୍ ଗସ୍ତ କରି ୮୯ଟି ଇଣ୍ଡୋର ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ସହ ଅନେକଗୁଡିଏ ବୃହତ କ୍ରୀଡା ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ପୁରସ୍କାର ଆମ କ୍ରୀଡାବିତ୍‌ଙ୍କ କଠିନ ପରିଶ୍ରମ ଓ ଉତ୍କର୍ଷର ସ୍ୱୀକୃତି। ଏହି କ୍ରୀଡାବିତ୍‌ମାନେ ହେଉଛନ୍ତି ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ। ଏଣୁ ଆମ ଖେଳାଳୀମାନେ ଆଗାମୀ ଦିନରେ ଭଲ ଖେଳ ପ୍ରଦର୍ଶନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ।

# ଅବସରପ୍ରାପ୍ତ ଅଗ୍ନିସମ ସେବା ଅଧିକାରୀଙ୍କ ପରଲୋକ

**ପୁରୀ(ସଂପର୍କବାର୍ତ୍ତା):-** ପୁରୀ ଜିଲ୍ଲା ସଦରମହକୁମା ଅଗ୍ନିଶମ ସେବା କେନ୍ଦ୍ରରେ କାର୍ଯ୍ୟ କରିଥିବା ଅବସର ପ୍ରାପ୍ତ ଅଗ୍ନିଶମ ସେବା ଅଧିକାରୀ ଜତିନ୍ଦ୍ରନାଥ ନାୟକଙ୍କର ଚଳିତ ଡିସେମ୍ବର ମାସ ୮ ତାରିଖରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। କଟକ ଜିଲ୍ଲା ନିଆଳି ବ୍ଲକ ଡିହ ସିଠାଳ



ଗ୍ରାମରେ ଜନ୍ମିତ ଶ୍ରୀ ନାୟକ ଚାକିରୀ ଜୀବନରେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରି କର୍ମଚାରୀ ମହଲରେ ସୁନାମ ଅର୍ଜନ କରିଥିଲେ। ଅବସର ଗ୍ରହଣ ପରେ ସେ ନିଜ ଗ୍ରାମ ସମେତ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସଂପୃକ୍ତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ଅନ୍ତେ ପତ୍ନୀ ହରପ୍ରିୟା, ୨ ପୁଅ, ୩ ଝିଅ ଓ ନାତିନାତୁଣୀ ରହିଛନ୍ତି। ତାଙ୍କ ବିୟୋଗରେ ଡିହ ସିଠାଳ ଜନ୍ମମାଟି ସ୍ଥିତ ପରିବାରବର୍ଗ, ବନ୍ଧୁ ଓ ସହକର୍ମୀ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ଇଉନିୟନ ବ୍ୟାଙ୍କ ସୈନିକସ୍କୁଲକୁ ୧୦୦ବାଇସାଇକେଲ ପ୍ରଦାନ କଲା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୧୬ ଡିସେମ୍ବର ୨୦୨୧- ଚନ୍ଦ୍ରଶେଖରପୁର ଶାଖା ଇଉନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ସଂପ୍ରତି ସୈନିକସ୍କୁଲ ଭୁବନେଶ୍ୱରକୁ ଏହାର ସି.ଏସ.ଆର. ଯୋଜନାରେ କ୍ୟାଡେଟ୍‌ମାନଙ୍କର କ୍ରୀଡା କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ୧୦୦ଟି ବାଇସାଇକେଲ ପ୍ରଦାନ କରିଛି। ପ୍ୟାରେଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଇଉନିୟନ ବ୍ୟାଙ୍କର ଆଂଚଳିକ ମୁଖ୍ୟ ଶୁଭମ୍ ସେନ ଗୁପ୍ତା, ଚନ୍ଦ୍ରଶେଖରପୁର ଶାଖା ପରିଚାଳକ ପି.ଚୌଧୁରୀ, ସୈନିକସ୍କୁଲ ପ୍ରଶାସନିକ ଅଧିକାରୀ କମାଣ୍ଡର ପ୍ରୀତିକା ଶର୍ମା, ଉପାଧ୍ୟକ୍ଷା କମାଣ୍ଡର ଉଷା ସାଙ୍ଗୱାନ, ବରିଷ୍ଠ ଅଧ୍ୟାପକ ବି. ପ୍ରଧାନ, ସାଇକେଲ ହବି ମାଷ୍ଟର ଇନ୍ ଚାର୍ଯ ଶିକ୍ଷକ ଏସ.କେ.ମିଶ୍ର, ଇଉନିୟନ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ, ସୈନିକସ୍କୁଲର କର୍ମଚାରୀ ଓ କ୍ୟାଡେଟ୍ ମାନଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍. ଡୋମିନିକ ରାୟନଙ୍କୁ ପ୍ରଥମ ପର୍ଯ୍ୟାୟରେ




୨୦ଟି ସାଇକେଲ ପ୍ରଦାନ କରିଛନ୍ତି।

କ୍ୟାଡେଟମାନଙ୍କର ସ୍ପୋର୍ଟସ୍ କାର୍ଯ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ସୈନିକସ୍କୁଲରେ ସାଇକେଲ ହବି କ୍ଲବ ସ୍ଥାପନ କରାଯାଇଛି ବୋଲି ଅଧ୍ୟକ୍ଷ ଗ୍ରୁପକ୍ୟାପ୍ଟେନ ରାୟନ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ କହିଥିଲେ। ଏହାଦ୍ୱାରା କ୍ୟାଡେଟମାନେ ସାଇକେଲ ଅଭିଯାତ୍ରାରେ ସାମିଲ ହୋଇପାରୁଛନ୍ତି।

କ୍ୟାଡେଟ୍ ମାନଙ୍କର ଉନ୍ନତି ଉଦ୍ଦେଶ୍ୟରେ ଇଉନିୟନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଏତାଦୃଶ ପ୍ରୋତ୍ସାହନ ପାଇଁ ସୈନିକସ୍କୁଲ ଅଧ୍ୟକ୍ଷ, ପୁରାତନ ଛାତ୍ରସଂସଦ ଏବଂ କର୍ମଚାରୀ ଗଣ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଗୋରେଖନାଥ ପୀଠରେ ଅନଶନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ବିଭୂତିକ୍ଷେତ୍ର କେରକେରା ଥିବା ଗୋରେଖନାଥ ପୀଠରେ ବ୍ୟାପକ ଅନିୟମିତତା ବିରୁଦ୍ଧରେ ଆଜି ସ୍ଥାନୀୟ ଗ୍ରାମବାସୀମାନେ ମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନ୍ନଶନରେ ବସିଛନ୍ତି। ସେମାନଙ୍କର ୮ଦଫା ଦାବି ମଧ୍ୟରେ ମହାପ୍ରଭୁଙ୍କର ଭୋଗ, ଦ୍ୱୀପ ଓ ଜାଁ ବାଳ ଦୋକାନ ନିମନ୍ତେ କୌଣସି ବିଜ୍ଞାପନ ନଦେଇ ବେନିୟମ ଭାବେ ଟେଣ୍ଡର ଦିଆଯାଇଅଛି। ସେହିପରି ଏହି ମନ୍ଦିରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକ ଗୋଟିଏ ବେନିୟମ ଭାବେ



କମିଟି ଗଠନ କରିଛନ୍ତି। ନିଶାସକ୍ତ କର୍ମଚାରୀମାନଙ୍କୁ ବହିଷ୍କାର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ହିସାବ ରକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି କରି ଆଜି ଗୋରେଖନାଥ ମନ୍ଦିର ସମ୍ମୁଖରେ ଜୀବନ ବଲ୍ଲଭ ମହାନ୍ତି, ଦିଲ୍ଲୀପ କୁମାର ପଣ୍ଡା, କ୍ଷୀରୋଦ ମହାନ୍ତି, ପ୍ରଦିପ୍ତ ମହାନ୍ତି, ବାଦଲ ଯୋଗାଣିଆ, ଦିଲୁ ସ୍ୱାଇଁ, ଉତମ ମହାନ୍ତି, ରମେଶ ମହାନ୍ତି, ଗୋଲଖ ବାରିକ, ପଦନ ବାରିକ, ପ୍ରମୋଦ ଦାସ, ବୀରବର ଯୋଗାଣିଆ, ନାରଣ ପାତ୍ର, ସୁରେନ୍ଦ୍ର ଦାସ, ମୂରଲୀ ବିଶ୍ୱାଳ, ଜ୍ଞାନରଂଜନ ପଣ୍ଡା, ସ୍ମୃତିରଂଜନ ପଣ୍ଡା ପ୍ରମୁଖ ଅନଶନରେ ବସିଛନ୍ତି।

# ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡିଆ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଅନ୍ୟତମ ପ୍ରମୁଖ ବିନ୍ଧାଣୀ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ରାଜ୍ୟସ୍ତରୀୟ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜୟଦେବ ବିହାର ଛକ ସ୍ଥିତ ନୀଳମଣି ବିଦ୍ୟାରତ୍ନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି



କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଓ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀଙ୍କ ସମେତ ପୂର୍ବତନ ବିଧାୟକ ତଥା ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ, ସଂପାଦକ ଡଃ. କୃଷ୍ଣକେଶବ ଷଡଙ୍ଗୀ ଓ ଅନୁଷ୍ଠାନର ଅନ୍ୟ କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମର ପ୍ରତିନିଧି ଯୋଗଦେଇ ସ୍ୱର୍ଗତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜଗତସିଂହପୁରରେ ଚିନାବାଦାମ ବିହନ ମିଳୁନି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜିଲ୍ଲାର ଚାଷୀମାନଙ୍କ ଲାଗି ଚିନାବାଦାମ ଏକ ପ୍ରମୁଖ ଅର୍ଥକାରୀ ଫସଲ ହୋଇଥିବା ବେଳେ କିଛିବର୍ଷ ହେବ ଏହି ଫସଲ ଚାଷ ଜମିର ପରିମାଣ ଭାବରେ ହ୍ରାସ ପାଇବାରେ ଲାଗିଛି। ଉପଯୁକ୍ତ ବିହନର ଅଭାବ, ସରକାରୀ ପ୍ରୋତ୍ସାହନର ଅଭାବ ସହ ଅମଳ ଫସଲର ଅଭାବି ବିକ୍ରି ସତ୍ତ୍ୱେ



ଚାଷୀ ମାନେ ବିହନ ପାଇବାକୁ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ୧୯୮୦ରୁ ୯୦ ଦଶକରେ ରେ ଜିଲ୍ଲାର ୧୦ ହଜାର ହେକ୍ଟର ପରିମିତ ଜମିରେ ଚିନାବାଦାମ ଚାଷ ହେଉଥିବା ବେଳେ, ବର୍ତ୍ତମାନ ଏହି ଚାଷ କମି କମି ମାତ୍ର ୪ହଜାର ହେକ୍ଟରରେ ପହଞ୍ଚିଥିବା ସିଡିଓ ରାଜକିଶୋର ଦାସଙ୍କ ଠାରୁ ସୂଚନା ମିଳିଛି। ସରକାରୀ ସ୍ତରରେ ଏହି ଚାଷ ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆନଗଲେ ଆଗାମୀ ଦିନରେ ଜିଲ୍ଲାରେ ବିହନ ନମିଳିଲେ ଚିନାବାଦାମ ଚାଷ ସଂପୂର୍ଣ୍ଣ ଲୋପପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। କ୍ରମାଗତ ଭାବେ କିଛି ବର୍ଷହେବ ଚିନାବାଦାମ ପାଇଁ ସରକାରୀ ବିହନ ମିଳୁନଥିବାରୁ ଖୋଲାବଜାରରୁ ନିମ୍ନମାନର ବିହନ କିଣିବାକୁ ଚାଷୀ ବାଧ୍ୟ ହେଉଛି। ନିମ୍ନମାନର ବିହନ ପାଇଁ ଅମଳ ମଧ୍ୟ ପ୍ରଭାବିତ ହେଉଥିବା ବହୁଚାଷୀ ଅଭିଯୋଗ କରିଛନ୍ତି। ତେବେ ଚଳିତ ବର୍ଷମଧ୍ୟ ରାଜ୍ୟ ବିହନ ନିଗମ ଚିନାବାଦମ ବିହନ ଯୋଗାଇବା ପାଇଁ ପ୍ରସ୍ତୁତ ଚଳାଇଥିବାବେଳେ ଆନ୍ଧ୍ରରୁ ବିହନ ଆସିବା କଥା କିନ୍ତୁ ଆନ୍ଧ୍ରରେ ବର୍ଷା ଯୋଗୁଁ ଚିନାବାଦାମ ବିହନ ଆସିପାରୁନଥିବା କଥା ସହକାରୀ ସିଡସ୍ ପ୍ରଡକସନ୍ ଅଫିସରଙ୍କଠାରୁ ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାର କୃଷି ଭିତ୍ତିକ ଅର୍ଥନୀତରେ ଚିନାବାଦାମ ଚାଷର ବହୁ ବର୍ଷତଳୁ ଗୁରୁତ୍ୱ ରହିଆସିଥିଲା। କାରଣ ଧାନ ଚାଷରୁ ଚାଷୀକୁ ବିଶେଷ ଲାଭ ମିଳୁନଥିବା ବେଳେ, ଜିଲ୍ଲାର ଜଳବାୟୁ ଚିନାବାଦାମ ଚାଷ ପାଇଁ ବିଶେଷ ଅନୁକୂଳ ହୋଇଥିବାରୁ ଚାଷୀମାନେ ପାରମ୍ପାରିକ ଭାବେ ଏହି ଚାଷ ପ୍ରତି ଆକୃଷ୍ଟ ହୋଇଥିଲେ। କେବଳ ଚିନାବାଦାମ ଚାଷରୁ ଚାଷୀ ହାତକୁ ବେଶ ଭଲ ଦୁଇ ପଇସା ଆସୁଥିବାରୁ ଚାଷୀମାନେ ନଦୀପଠା ସମେତ ବାଲିଆ ଦୋରସା ମାଟିରେ ଏହି ଚାଷ କରୁଥିବା ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ଏହି ଚାଷ ଜମି କମିବାରେ ଲାଗିଛି। ଜିଲ୍ଲା କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଚଳିତ କୃଷି ଋତୁରେ ଜିଲ୍ଲର ୪ହଜାର ହେକ୍ଟର ଜମିରେ ଚିନାବାଦାମ ଚାଷ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ନାଉଗାଁ ବ୍ଲକ ଓ କୁଜଙ୍ଗ ବ୍ଲକରେ ସର୍ବାଧିକ ଚିନାବାଦମ ଚାଷ ହେଉଥିବାବେଳେ ତିର୍ତ୍ତୋଲ, ବିରିଡି, ଜଗତସିଂହପୁର ବ୍ଲକର ନଦୀ ଉପକୂଳ ଓ ବାଲିଆ ମାଟିଥିବା ଅଂଚଳରେ ଚିନାବାଦାମ ଚାଷ କରାଯାଉଛି।

ତେବେ ଚଳିତ ବର୍ଷ ଜିଲ୍ଲାର ୩ ହଜାର ୮ଶହ ହେକ୍ଟର ଜମିରେ ଏହି ତୈଳବୀଜ ଫସଲ ଚାଷ କରାଯିବା ପାଇଁ ଜମି ପ୍ରସ୍ତୁତି ସରିଥିବା କଥା କୃଷିବିଭାଗ ସୂତ୍ରରୁ ସୂଚନା ମିଳିଛି। ଏତିକି ଜମିରେ ଚିନାବାଦାମ ଚାଷ ପାଇଁ ୬ହଜାର କ୍ୱିଣ୍ଟାଲ ଚୋପାଛଡା ଅଧିକ ଅମଳକ୍ଷମ ବିହନର ଆବଶ୍ୟକତା ରହିଥିବାବେଳେ ରାଜ୍ୟ ବିହନ ନିଗମ ଏପର୍ଯ୍ୟନ୍ତ ଚାଷୀକୁ ୬ଶହ କ୍ୱିଂଟାଲ ବିହନ ମଧ୍ୟ ଯୋଗାଇବାକୁ ସମର୍ଥ ହୋଇନଥିବା ସୂଚନା ମିଳିଛି। ଚଳିତ ମାସ ଶେଷ ସୁଦ୍ଧା ବିହନ ବୁଣା ନସାରିଲେ ନିପାଣିଆ ଚିନାବାଦାମ ଚାଷରୁ ଅମଳ ଯଥେଷ୍ଟ କମିବାର ସମ୍ଭାବନା ରହିଛି। ଅନ୍ୟ ଉପାୟ ନପାଇ ଚାଷୀ ଖୋଲା ବଜାରର ଲାଭଖୋର ବେପାରୀଙ୍କଠାରୁ ନିମ୍ନମାନର ବିହନ କିଣିବାକୁ ବାଧ୍ୟ ହେଉଥିବା ଚାଷୀ ଓ କୃଷି ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ଏ ସଂପର୍କରେ ସିଡିଓ କହନ୍ତି, କୃଷି ବିଭାଗ ପକ୍ଷରୁ ଖୋଲା ଯାଇଥିବା ସେଲ୍ ସେଂଟର ବନ୍ଦ ହୋଇଯିବା ପରେ ଚାଷୀମାନଙ୍କୁ ସେଲ ସେଂଟର ମାଧ୍ୟମରେ ଚିନାବାଦାମ ଯୋଗଣ କିଛି ବର୍ଷ ହେବ ବନ୍ଦ ହୋଇଯାଇଛି। ତେବେ ଜିଲ୍ଲାରେ ପ୍ରାଇଭେଟ ସିଡ୍ ଡିଲର ସମେତ ୧୦୫ଟି ପ୍ୟାକ୍ସ ରହିଛି। ଏହି ପ୍ୟାକ୍ସମାନେ ଚିନାବାଦମ ବିହନ ଉଠାଇ ଚାଷୀଙ୍କୁ ଦେବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଜିଲ୍ଲା କୃଷି ବିଭାଗ ପକ୍ଷରୁ କେତେକ ପ୍ୟାକ୍ସ ଓ ଘରୋଇ ବିହନ ଡିଲରଙ୍କ ସହିତ କଥା ।ବର୍ତ୍ତା ଜାରି ରହିଛି। ଏହି ସମସ୍ୟାର ସମାଧାନ କରାଯିବାକୁ ପଦେକ୍ଷପ ଗ୍ରହଣ କାରଯାଉଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି।

# କୃଷି କ୍ଷେତ୍ର ପ୍ରଦର୍ଶନ ସଂପର୍କିତ ସମୀକ୍ଷା ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ୫-ଟି ମାଧମରେ କର୍ମକ୍ଷେତ୍ରରେ ସ୍ୱଚ୍ଛତା ଓ କର୍ମଚାରୀମାନଙ୍କ ପାରଦର୍ଶିତା ଉପରେ ନିରପେକ୍ଷ ଆଲୋକପାତ କରାଯିବା ସଙ୍ଗେ ସଙ୍ଗେ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଏହାର ସଫଳ ରୂପାୟନ ପାଇଁ ଯତ୍ନବାନ ହେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଡ. ସାହୁ କୃଷି କ୍ଷେତ୍ର ପ୍ରଦର୍ଶନର ରୂପାୟନ ସଂପର୍କିତ ସମୀକ୍ଷା ବୈଠକରେ ଉପରୋକ୍ତ ମର୍ମରେ ଉଲ୍ଲେଖ କରିଛନ୍ତି।

ସ୍ୱଚ୍ଛତାକୁ ବିଭାଗୀୟ କାର୍ଯ୍ୟକ୍ରମରେ ପ୍ରତିଫଳିତ କରିବା ନିମନ୍ତେ କୃଷି ଓ ଖାଦ୍ୟ ନିର୍ଦ୍ଦେଶାଳୟର ସମସ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ଆବଶ୍ୟକୀୟ କୃଷି ସହାୟତା ଯୋଗାଇବା ପଦ୍ଧତିକୁ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତରଣ(ଡିବିଟି) ଅନ୍ତର୍ଗତ କରାଯାଇଛି। ଡିବିଟି ମାଧମରେ ସରକାରୀ ପ୍ରୋତ୍ସାହନ ତଥା ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଚାଷୀମାନଙ୍କର ବ୍ୟାଙ୍କ ଜମାଖାତାକୁ ସିଧାସଳଖ ରିହାତି ଅର୍ଥ ପ୍ରଦାନ କରାଯାଉଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାରେ ଆଗାମୀ ଦିନରେ ଡିବିଟି ପଦ୍ଧତି କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଛନ୍ତି।

ଆଭାସୀ ମାଧମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କୃଷି ଜିଲ୍ଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ବିଭାଗୀୟ ଯୋଜନା ଅଧିକାରୀ ତଥା ନିର୍ଦ୍ଦେଶକମାନେ ଯୋଗଦେଇଥିଲେ। କୃଷି ଓ



ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮

**ADVERTISEMENT TARIFF**

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.5 Issue-28 December 20 to 26, 2021, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୨୮ ଡିସେମ୍ବର ୨୦ ରୁ ୨୬, ୨୦୨୧, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ବିଜେଡିରେ ଆଶାୟୀ ହାଉଯାଉ ; ଅଣ୍ଟା ସଳଖୁଛି ବିଜେପି, ନେତା ଖୋଜୁଛି କଂଗ୍ରେସ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ୨୦୧୪ ବିଏମ୍‌ସି ନିର୍ବାଚନାରେ ୬୭ଟି ଓାର୍ଡ ମଧ୍ୟରୁ ୪୯ଟିକୁ କବ୍‌ଜା କରି ନେଇଥିଲା ବିଜେଡି। ବିଜେପିରୁ ପ୍ରାର୍ଥୀ ହୋଇ ୪ଜଣ ଜିତିଥିବା ବେଳେ କଂଗ୍ରେସରୁ ଦୁଇ ଓ ସାଧୀନ ଭାବେ ଛିଡା ହୋଇ ୧୨ଜଣ ବିଜେୟ ଟିକା ପିନ୍ଧିଥିଲେ। ମାତ୍ର ରାଜନୈତିକ ପାଣିପାଗରେ ସାଧୀନ କର୍ପୋରେଟରମାନେ ପରବର୍ତୀ ସମୟରେ ବିଜେଡି ମୁହାଁ ହୋଇଥିଲେ। ଏଥର କିନ୍ତୁ ଭୁବନେଶ୍ୱରର ରାଜନୈତିକ ଚିତ୍ରପଟରେ କିଛିଟା ପରିବର୍ତନ ଆସିଛି। ତିନି ନିର୍ବାଚନମଣ୍ଡଳୀରେ ବିଜେଡିର ବିଧାୟକ ଥିବା ବେଳେ ସାଂସଦ ପଦବି ହାତେଇଛି ବିଜେପି। ତେଣୁ ଯଦି ୨୦୨୨ରେ ନିର୍ବାଚନ ହୁଏ ତେବେ ଲଢେଇ ଜୋରଦାର ହେବା ନେଇ ଏବେଠାରୁ ଆକଳନ କରାଗଲାଣି। ଗୁରୁତ୍ୱପୂର୍ଣ କଥା ହେଉଛି ଯେ ବିଏମ୍‌ସି ନିର୍ବାଚନ ପାଇଁ ସଂରକ୍ଷଣ ଚିଠା ତାଲିକା ପରେ ରାଜଧାନୀ ରାଜନୀତି ଏବେ ଉଷ୍ମ ଏବେ ହେବାରେ ଲାଗିଛି। କିଏ କେଉଁ ଓାର୍ଡରୁ ପ୍ରାର୍ଥୀ ହେବେ ତାହାକୁ ନେଇ ଅବଗଣନା ଓ ସମରସଜ୍ଜା ଆରମ୍ଭ ହୋଇଗଲାଣି। ବିଶେଷକରି ବିଜେଡି ଦଳରେ ଏହାକୁ ନେଇ ସବୁଠାରୁ ଅଧିକ। କାହାକୁ ଟିକେଟ୍ ମିଳିବ ତାହା ଏବେଠାରୁ କହି ହେଉ ନଥିଲେ ମଧ୍ୟ ଆଶୟୀମାନେ ନିଜ ନିଜ ସ୍ତରରେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଘରକୁ ଘର ବୁଲି ଲୋକଙ୍କ ଭେଟିବା ସହ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଉଛନ୍ତି। ବିବାହ ଉତ୍ସବ, ଜନ୍ମଦିନ ପାଳନ , ଶ୍ରଦ୍ଧାଞ୍ଜଳୀ ସଭାରେ ସାମିଲ ହୋଇଲୋକଙ୍କ ନିକଟତର ହେବାକୁ ଉଦ୍ୟମ କରୁଛନ୍ତି। ଅପରାଜିତା ଷଡଙ୍ଗୀ ଭୁବନେଶ୍ୱରର ସାଂସଦ ହେବା ପରେ ବିଜେପିର ପତିଆରା ସାମାନ୍ୟ ବୃଦ୍ଧି ପାଇଛି। ବସ୍ତି, କଲୋନିରେ ଅପରାଜିତା ଚେହେରା ପାଲଟିଛନ୍ତି। ସହରର ବିଭିନ୍ନ ସମସ୍ୟାକୁ ନେଇ ସେ ଲୋକଙ୍କ ନିକଟକୁ ଯାଉଛନ୍ତି। ସମସ୍ୟାର ସମାଧାନ ଦିଗରେ ବି ପ୍ରାଥମିକତା ଦେଉଛନ୍ତି। ଗୋଟିଏ ପରେ ଗୋଟିଏ ସମସ୍ୟାରେ ବାରମ୍ବାର ରାଜ୍ୟ ସରକାରଙ୍କୁ ଘେରିବା ସହ ଚାପ ସୃଷ୍ଟି କରୁଛନ୍ତି। ମାତ୍ର ହାତଗଣତି କିଛି ନେତାଙ୍କୁ ଛାଡି ଦେଲେ ତୃଣମୂଳସ୍ତରରେ ବିଜେପି ସଙ୍ଗଠନକୁ ମଜବୁତ କରିବାରେ ସେତେଟା ସଫଳ ହୋଇପାରି ନାହାନ୍ତି। ଏବେ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପରେ ବିଜେପିର ଓାର୍ଡସ୍ତରୀୟ ନେତାମାନେ ଅଣ୍ଟା ଭିଡିବା ଆରମ୍ଭ କରିଛନ୍ତି। ପ୍ରତିଓାର୍ଡରେ ଜଣେ ଦୁଇ ଜଣ ଆଶୟୀ ବାହାରୁଛନ୍ତି। ୨୦୧୯ଲୋକସଭା ନିର୍ବାଚନର ଫଳାଫଳ ବିଏମ୍‌ସି ନିର୍ବାଚନରେ ଯେପରି ପୁନରାବୃତ୍ତିରେ ହୁଏ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ସଂରକ୍ଷଣ ତାଲିକାକୁ ନେଇ କଂଗ୍ରେସ ଦଳରେ ସେତେଟା ଉତ୍ସାହ ଦେଖିବାକୁ ମିଳି ନାହିଁ। ବ୍ଲକସ୍ତରରେ ନେତାମାନେ ଦଳକୁ ସୁଦୃଢ କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ମଧ୍ୟ ଓାର୍ଡସ୍ତରରେ କର୍ମୀ ଓ ନେତାଙ୍କୁ ଏକାଠି କରିବାରେ ଦଳ ସେତେଟା ଫଳପ୍ରଦ ହୋଇପାରି ନାହିଁ ଯଦି ଏବେ ନିର୍ବାଚନ ହୁଏ ତେବେ ଦଳ କାହା ନେତୃତ୍ୱରେ ବିଏମ୍‌ସି ନିର୍ବାଚନକୁ ଓହ୍ଲାଇବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବନ୍ଧମୁଣ୍ଡା ତିଲିକାନଗରରେ ବାପା ଜନ୍ମକଲା ଝିଅକୁ କଲା ଦୁଷ୍କର୍ମ



**ରାଉରକେଲା(ସଂପର୍କବାର୍ତ୍ତା):-** ଇସ୍ପାତ ସହରରେ ଲଜ୍ୟା ରକ୍ତ ସମ୍ପର୍କକୁ ଭୁଲିଗଲା କାମୁକ ବାପା ନିଜ ଜନ୍ମ କଲା ଝିଅକୁ ଦୁଷ୍କର୍ମ ଉଦ୍ୟମ କରିଛି ସୈତାନ ବାପା କେବଳ ସେତିକି ନୁହେଁ ଝିଅକୁ କନିଆଁ କରିବ ବୋଲି କହି ବିଭିନ୍ନ ଅସଭ୍ୟ ଶବ୍ଦରେ ଗାଳି ଗୁଲଜ କରିଛନ୍ତି ଜଣେ ବ୍ୟକ୍ତି। ଏଭଳି ଘୃଣ୍ୟ ଓ ନିନ୍ଦନୀୟ ଘଟଣା ଘଟିଛି ରାଉରକେଲା ବନ୍ଧମୁଣ୍ଡା ତିଲିକା ନଗର ଅଂଚଳରେ। ସୂଚନାନୁଯାୟୀ, ରାଉରକେଲାର ଅମରେଶ ମାଝୀ ୨୦୦୫ ମସିହାରେ ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଅମରେଶଙ୍କ ଘରଲୋକ ଯୁବତୀଙ୍କୁ ବୋହୂ ଭାବରେ ଗ୍ରହଣ ନକରିବାରୁ ସେ ତାଙ୍କୁ ରାଉରକେଲା ବନ୍ଧମୁଣ୍ଡ ତିଲିକା ନଗରରେ ଆଣି ରଖିଥିଲେ। ୨୦୦୬ରେ ଦୁହିଁଙ୍କର ଏକ କନ୍ୟା ସନ୍ତାନ ହୋଇଥିଲା ଏହାପରେ ଅମରେଶ ତାଙ୍କ ସ୍ତ୍ରୀ ଓ ଝିଅକୁ ଆଣି ରାଉରକେଲା ବାସନ୍ତୀ କଲୋନୀ ଅଂଚଳରେ ଭଡା ଘର କରି ରଖିଥିଲେ। ଏହାରି ମଧ୍ୟରେ ଅମରେଶ ମଝିରେ ମଝିରେ ଝିଅ ପାଖକୁ ଆସନ୍ତି। ହେଲେ ଧୀରେ ଧୀରେ ଅମରେଶଙ୍କ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଘଟିଥିଲା। ଗତ ମେ ମାସରେ ଅମରେଶ ତାଙ୍କ ସ୍ତ୍ରୀଙ୍କ ଅନୁପସ୍ଥିତିରେ ଭଡା ଘରକୁ ଆସି ତାଙ୍କ ଝିଅ ସହ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ଝିଅ ସବୁ କଥା ମାକୁ ଫୋନ୍ କରି କହିଥିଲେ। ଏହାପରେ ଅମରେଶଙ୍କ ସ୍ତ୍ରୀ ତାଙ୍କୁ ତାଗିଦ୍ କରିଥିଲେ ଓ ତାଙ୍କ ଘରକୁ ନଆସିବାକୁ କହିଥିଲେ। ଏହାପରେ ଅମରେଶ ସେଠାକୁ ଉତ୍ତ୍ୟକ୍ତ ହୋଇ ଚାଲିଯାଇଥିଲେ ଓ ଏହି ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ହତ୍ୟା ଧମକ ଦେଇଥିଲେ। ଫଳରେ ମାଆ ଓ ଝିଅ ଭୟଭୀତ ହୋଇ ଚୁପ୍ ଥିଲେ। ଏହାପରେ ନଭେମ୍ବର ମାସରେ ଅମରେଶ ପୁଣି ଥରେ ଫୋନ୍ କରି ଝିଅକୁ ଗାଳି ଗୁଲଜ କରିବା ସହ ଅସଭ୍ୟ ଭାଷାରେ ଧମକ ଦେଇଥିଲେ। ଫଳରେ ଉଭୟ ମାଆ –ଝିଅ ସେକ୍ଟର-୪ ସ୍ଥିତ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ସୂଚନା ମିଳିଛି।

# ଶେଷ ସପ୍ତାହରେ ଘୋଷଣା ହେବ ପଞ୍ଚାୟତ ନିର୍ବାଚନ ତାରିଖ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଂଚାୟତ ନିର୍ବାଚନ ପାଇଁ ଆଉ ପାଦେ ଆଗେଇଲା ପ୍ରସ୍ତୁତି । ଆସନ୍ତା ଫେବ୍ରୁଆରୀ ପ୍ରଥମ ସପ୍ତାହରେ ହେବ ପଂଚାୟତ ନିର୍ବାଚନ। ଏହାସହ ଚଳିତ ମାସ ଶେଷ ସପ୍ତାହରେ ଘୋଷଣା ହେବ ପଂଚୟତ ନିର୍ବାଚନ ପାଇଁ ତାରିଖ । ଆଉ ୩ ଦିନ ପରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ପଂଚୟତ ନିର୍ବାଚନରେ ୬ହଜାର ୭୯୪ସରପଂଚ ଓ ସମିତି ସଭ୍ୟ, ୯୨ହାଜର ଓାର୍ଡ ମେମ୍ବର,୮୫୩ଜିଲ୍ଲା ପରିଷଦ ସଦସ୍ୟ ପାଇଁ ଭୋଟଗ୍ରହଣ ହେବ। ରାଜ୍ୟ ନିର୍ବାଚନ କମିଶନ ଚଳିତ ବର୍ଷ ଓାର୍ଡ ମେମ୍ବରଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ସଦସ୍ୟଙ୍କ ପର୍ଯ୍ୟନ୍ତ ଖର୍ଚ୍ଚ ସୀମା ବୃଦ୍ଧି କରିଛନ୍ତି। ସେହିପରି ଆସନ୍ତା ନିର୍ବାଚନରେ ଅଧାରୁ ଅଧିକ ସରପଂଚ ହେବେ ମହିଳା ମୋଟ ଆସନ ମଧ୍ୟରୁ ୩ ହଜାର ୫ଶହ ଆସନ ମହିଳାଙ୍କ ପାଇଁ ସଂରକ୍ଷତି ରହିଛି। ପଛୁଆବର୍ଗ ମହିଳାଙ୍କ ପାଇଁ ୪୨୯ଟି ଆସନ ସଂରକ୍ଷିତ ଥିବା ବେଳେ, ଅନୁସୂଚିତ ଜାତିର ମହିଳାଙ୍କ ପାଇଁ ୫୨୫ଓ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୧୩୭୬ ଆସନ ସଂରକ୍ଷିତ ରହିଛି। ସେହିପରି ସଭ୍ୟ ପ୍ରର୍ଥୀ ପାଇଁ ୩ ହଜାର ୫୩୮ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଜିଲ୍ଲା ପରିଷଦରେ ୪୩୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି।

# INS ନୂଆ ସଭାପତି ମୋହିତ ଜୈନ, ସମାହିତ ବଲ କାର୍ଯ୍ୟକାରୀ କମିଟି ସଦସ୍ୟ ନିର୍ବାଚିତ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଇଣ୍ଡିଆନ୍ ନ୍ୟୁଜ୍‌ପେପର ସୋସାଇଟି ବା ଆଇଏନ୍‌ଏସ୍‌ର ନୂଆ ସଭାପତି ଭାବରେ ଇକୋନୋମିକ୍ ଟାଇମ୍ସର ମୋହିକ ଜୈନ ନିର୍ବାଚିତ ହୋଇଛନ୍ତି। ଭିଡିଓ କନ୍‌ଫରେନ୍ସିଂରେ ଆଇଏନ୍‌ଏସ୍‌ର ୮୨ତମ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୧-୨୦୨୨ ବର୍ଷ ଲାଗି ନିର୍ବାଚିତ ଅନୁଷ୍ଠିତ ହୋଇଥିଲା।

'ସାକ୍ଷୀ'ର କେ. ରାଜା ପ୍ରସାଦ ରେଡ୍ଡୀ ଡେପୁଟୀ ପ୍ରେସିଡେଣ୍ଟ ଓ 'ଆଜ ସମାଜ'ର ରାକେ ଶର୍ମା ଭାଇସ୍ ପ୍ରେସିଡେଣ୍ଟ ଓ 'ଅମର ଉଜ୍ଜାଲା'ର ତନ୍ମୟ ମାହେଶ୍ୱରୀ ଟ୍ରେଜରର ଭାବରେ ନିର୍ବାଚିତ ହୋଇଛନ୍ତି। ଆଇଏନ୍‌ଏସ୍ କାର୍ଯ୍ୟକାରୀ କମିଟିକୁ ମୋଟ ୪୧ ଜଣଙ୍କୁ ନିର୍ବାଚିତ କରାଯାଇଛି। ଓଡ଼ିଶାରୁ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସମାହିତ ବଲ ପୁନଃ ନିର୍ବାଚିତ ହୋଇଛନ୍ତି।

# କଟକରେ ଅବ୍ୟବସ୍ଥା ଘରରେ ପ୍ରାଣୀ ଚିକିତ୍ସାଳୟ


**କଟକ(ସଂପର୍କବାର୍ତ୍ତା):-** କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରାଠାରେ ଥିବା ପ୍ରାଣୀ ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ଓ ଏଲ୍ ଆଇ ପଦବି ପୂରଣ ପାଇଁ ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ବଡ଼ ଧରଣର ଆନ୍ଦୋଳନ ହୋଇପାରେ ବୋଲି ଚେତାବନୀ ଦିଆଯାଇଛି। କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ଫୁଲନଖରା ନିକଟରେ ୧୯୫୭ ମସିହାରୁ ଏହି ପୁରାତନ ପ୍ରାଣୀ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ଏହା ଉପରେ ପ୍ରାୟ ୮୦ଟି ଗ୍ରାମର ଅଧିବାସୀ ନିଜର ଗୃହପାଳିତ ପଶୁଙ୍କ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ଏଠାରେ ନିଯୁକ୍ତି ପାଇଥିବା ସ୍ଥାୟୀ ଡାକ୍ତର ୨ ବର୍ଷ ହେଲା ଅନୁପସ୍ଥିତ ରହିଛନ୍ତି। ସେ ଏଠାକୁ ନ ଆସି ଭୁବନେଶ୍ୱର ପଶୁ ବନ୍ଧ୍ୟାକରଣ ପ୍ରକଳ୍ପରେ କାର୍ଯ୍ୟ କରୁଥିବାରୁ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି। ଜରୁରୀ ସମୟରେ ପଶୁକୁ ନେଇ ଏହି ଚିକିତ୍ସାଳୟକୁ ଆସିଲେ ଡାକ୍ତର ନ ଥିବାରୁ ଗୁରୁତର ଅବସ୍ଥାରେ ବହୁ ପ୍ରାଣୀ ମୃତ୍ୟୁବରଣ କରୁଛନ୍ତି। ବାରଙ୍ଗ ପ୍ରାଣୀ ଚିକିତ୍ସାଳୟ ଡାକ୍ତର ଏହାକୁ ବେଳେବେଳେ ଆସୁଥିବାରୁ ପଶୁମାନେ ତାଙ୍କଠାରୁ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି। ଏହା ଉପରେ ନିର୍ଭର କରି ମହିଧରପଡ଼ା, ଖଲର୍ଦ୍ଦା, ହରିଆନ୍ତା, ଫତେଗଡ଼ ଓ ତେଲେଙ୍ଗାପେଣ୍ଠ ଆଦି ୫ଟି ଉପକେନ୍ଦ୍ର ପରିଚାଳିତ ହେଉଛି। ଏହି ଅଞ୍ଚଳର ଅଧିକାଂଶ ଲୋକ ସାଧାରଣତଃ କୃଷି ଓ ଗୋପାଳନ ଉପରେ ନିର୍ଭର କରୁଥିବାରୁ ପଶୁମାନେ ଉପଯୁକ୍ତ ଚିକିତ୍ସା ନ ପାଇବାରୁ ସେମାନଙ୍କ ବେଉସା ବୁଡ଼ିବାକୁ ବସିଲାଣି। ଫୁଲନଖରା ପ୍ରାଣୀ ଚିକିତ୍ସାଳୟଟି ସ୍ଥାପିତ ହେବାରେ ନାମଫଳକ ଏପର୍ଯ୍ୟନ୍ତ ଲେଖା ହୋନାହିଁ। ଅଞ୍ଚଳବାସୀଙ୍କୁ ପକ୍ଷରୁ ଏହି ପ୍ରାଣୀ ଚିକିତ୍ସାଳୟ ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀଙ୍କୁ ପକ୍ଷରୁ ସୁରେନ୍ଦ୍ର ବେହେରା, ପୂର୍ବତନ କର୍ପୋରେଟର ଗାୟତ୍ରୀ ଲେଙ୍କା, ପ୍ରମୋଦ ମହାପାତ୍ର, ଲକ୍ଷେଶ୍ୱର ଆଞ୍ଚଳିକ ଯାଦବ ସଂଘ ସମ୍ପାଦକ ଧ୍ରୁବ ଚରଣ ବେହେରା, ସରପଞ୍ଚ ରଶ୍ମିତା ସାହୁ, ରଞ୍ଜନା ପାତ୍ର, ଯତିନ୍ଦ୍ର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଆଶାଲତା ବେହେରା, ପୁନାନନ୍ଦ ଭୋଇ ପ୍ରମୁଖ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସାଂସଦ, କଟକ ସଦର ବିଧାୟକ, ଜିଲ୍ଲାପାଳ ଓ କଟକ ଜିଲ୍ଲା ମୁଖ୍ୟ ପଶୁସମ୍ପଦ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# କଟକର ମାନସ ପଣ୍ଡାଙ୍କ ପୁସ୍ତକ 'ଭାରି ମନେପଡେ' ପ୍ରକାଶିତ



**କଟକ(ସଂପର୍କ ବାର୍ତ୍ତା):-** ନିଜ ଲେଖା ମାଧ୍ୟମରେ ସ୍ରଷ୍ଟା ଏକ ନୂଆ ପୃଥିବୀ ସୃଷ୍ଟଇ କରିଥାଏ। 'ଭାରି ମନେପଡ଼େ' ଗଳ୍ପ ସଂକଳ୍ପନରେ ଗାଳ୍ପିକ ସେଇଭଳି ଏକ ନୂଆ ପୃଥିବୀ ସୃଷ୍ଟି କରିଛନ୍ତି। ମାନସ ପଣ୍ଡାଙ୍କ ଗଳ୍ପ ସଂକଳ୍ପନ 'ଭାରି ମନେପଡ଼େ'ର ଗଳ୍ପଗୁଡ଼ିକରେ ପ୍ରେମ, ପ୍ରଣୟ ଓ ଆବେଗ ରହିଥିବାରୁ ଏହା ଜୀବନ୍ତ ଲାଗୁଛି ଓ ଏହା ସ୍ରଷ୍ଟାଙ୍କର ଏକ ସଫଳ ସୃଷ୍ଟି ହେବ ବୋଲି ସଂକଳନର ଲୋକର୍ପଣ ଉତ୍ସବକୁ ଉଦ୍‌ଘାଟନ କରି ବିଶିଷ୍ଟ କଥାକାର ଡକ୍ଟର ରାମଚନ୍ଦ୍ର ବେହେରା କହିଛନ୍ତି। ଆଜି ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ଶାରଳା ଭବନ ପରିସରରେ 'ଗପଘର' ଓ ପ୍ରକାଶନ ସଂସ୍ଥା ବ୍ଲାକ୍ ଇଗର ବୁକ୍‌ସ ପକ୍ଷରୁ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ସମ୍ବାଦ'ର ସଂପାଦନ(ଫିଚର) କଥାକାର ଡାକ୍ତର ଗୌରହରି ଦାସ ଯୋଗଦେଇ କହିଥିଲେ, ସବୁ ବୃତ୍ତି ମଣିଷର ଇଚ୍ଛା ଉପରେ ନିର୍ଭର କରୁଥିବାବେଳେ ସାହିତ୍ୟ କିନ୍ତୁ ମଣିଷର ଇଚ୍ଛା ଅନୁସାରେ ସୃଷ୍ଟି ହୋଇ ନଥାଏ। କାରଣ ଲେଖକ ତିଆରି ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଥିବାରୁ ତାହା ପାଠକଙ୍କୁ ବାନ୍ଧି ରଖିବ ବୋଲି ସେ କହିଥିଲେ। ପ୍ରମେୟ ନ୍ୟୁଜ ୭ର ଗ୍ରୁପ୍ ଏଡ଼ିଟର ଗୋପାଳକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟବକ୍ତାତ ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓଡ଼ିଆ ଉପଦେଷ୍ଟାମଣ୍ଡଳୀ ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ଆମ କଥା ସାହିତ୍ୟ ଜାତୀୟସ୍ତରରେ ନ୍ୟୁନ ନୁହେଁ ବୋଲି କହିଥିଲେ। 'ଗପଘର' ର ଆବାହକ କଥାକାର ରବିନାରାୟଣ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୀତିକାର ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ ପୁସ୍ତକ ସମ୍ପର୍କିତ ଥିମ୍ ସଂଗୀତ ପରିବେଷଣ କରିଥିଲେ।

# ପୁରୀ ହୋଟେଲ୍ ବାଥ୍‌ରୁମ୍‌ରେ ଅତିଥି ଯୁବତୀଙ୍କ ନଗ୍ନ ଭିଡିଓ ରେକର୍ଡିଂ



## ଭାଇରାଲ୍ ହୋଇଛି କି ନାହିଁ ଯାଞ୍ଚ ଚାଲିଛି

**ପୁରୀ(ସଂପର୍କବାର୍ତ୍ତା):-** ହୋଟେଲର ଗାଧୁଆ ଘରେ ଗାଧୋଉଥିବା ଜନୈକ ଯୁବତୀଙ୍କ ନଗ୍ନ ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣକୁ ଗିରଫ କରିଛି ତା ନିକଟରୁ ପୋଲିସ ମୋବାଇଲ ଜବତ କରି ସେଥିରୁ ଫଟୋ ଡିଲିଟ୍ କରିଥବା ଜଣାପଡିଛି । ତେବେ ପୋଲିସ ଏହି ଫୋନ୍ ଜବତ କରିଥିବା ବେଳେ ଅଭିଯୁକ୍ତ ଜଣକ ଉକ୍ତ ଫଟୋକୁ ଭାଇରାଲ୍ କରିଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ।

# ଭୁବନେଶ୍ୱର ଜୟଦେବ ବାଟିକା ଠାରେ ଜଗତସିଂହପୁର ଏସ୍‌ଭିଏମ୍ କଲେଜ୍ ୧୯୮୨ ମସିହା ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ











ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera